RNI No.ODIODI/2010/33031
୧୭ ବର୍ଷ | Volume-17
ISSUE -110 | ସଂଖ୍ୟା-୧୧୦
ଭୁବନେଶ୍ୱର, ଗୁରୁବାର ୦୯ ଜୁଲାଇ ୨୦୨୬
Bhubaneswar, Thursday 09 July, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଇରାନ ସହ ଯୁଦ୍ଧବିରତି ଶେଷ ଘୋଷଣା କଲେ ଟ୍ରମ୍ପ

ନୂଆଦିଲ୍ଲୀ,୮।୭(ନି.ପ୍ର.): ପୁଣିଥରେ ବିଗିଡ଼ି ଯାଇଛି ମଧ୍ୟପ୍ରାଚ୍ୟର ସ୍ଥିତି। ଶାନ୍ତି ପ୍ରତିଷ୍ଠା ପାଇଁ ଇରାନ ସହ ଆମେରିକା କରିଥିବା ଶାନ୍ତି ଚୁକ୍ତି ଓ ଯୁଦ୍ଧ ବିରତି ଶେଷ ହୋଇଥିବା ଘୋଷଣା କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଇରାନ ସହ ଆଉ କୌଣସି ଯୁଦ୍ଧ ବିରତି ଲାଗୁ ହେଉ ନାହିଁ ଓ ଆମେରିକା ସେନା ତେହରାନର ୮୦ଟି ସାମରିକ ଠିକଣାରେ ଆଟକା କରିଥିବା ଟ୍ରମ୍ପ ସ୍ପଷ୍ଟ କରିଛି।

ଟ୍ରମ୍ପଙ୍କ ଏପରି ଘୋଷଣା ପରେ ମାର୍କେଟ ସ୍ଥିତି ବିଗିଡି ଯାଇଛି। ଇରାନ ସହ ଯୁଦ୍ଧ ବିରତି ଶେଷ ହୋଇଥିବା ଟ୍ରମ୍ପ କହିବା ପରେ ଭାରତୀୟ ଶେୟାର ମାର୍କେଟ କ୍ରାଶ ହୋଇଯାଇଛି। ନିବେଶକମାନେ ମାତ୍ର କିଛି ସେକେଣ୍ଡରେ ୮ ଲକ୍ଷ କୋଟି ଟଙ୍କା ହରାଇଛନ୍ତି।ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରର ଦାମ ମଧ୍ୟ ୬% ବଢ଼ି ଯାଇଛି। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ମଧ୍ୟ ୬୦ ପଏଣ୍ଟ ହ୍ରାସ ପାଇଛି। ଟ୍ରମ୍ପଙ୍କ ଯୁଦ୍ଧ ବିରତି ଶେଷ ଘୋଷଣା କରିବାର ସାଂଘାତିକ ପ୍ରଭାବ ଭାରତ ଉପରେ ହିଁ ପଡିବା ଆରମ୍ଭ ହୋଇଛି।





ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜି କହିଛନ୍ତି ଯେ "ଇରାନ ସହିତ ସ୍ୱାକ୍ଷରିତ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ଶାନ୍ତି ଚୁକ୍ତି ମୋ ଦୃଷ୍ଟିରେ ବର୍ତ୍ତମାନ ଶେଷ ହୋଇଯାଇଛି।" ହର୍ମୁଜ୍ ପ୍ରଣାଳୀରେ ୩ଟି ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣର ପ୍ରତିଶୋଧ ନେବାକୁ ଆମେରିକା ସେନା ଇରାନର ବିଭିନ୍ନ ସାମରିକ ପ୍ରତିଷ୍ଠାନ ଉପରେ ନୂଆ ହମଲା କରିବାର କିଛି ଘଣ୍ଟା ପରେ ଟ୍ରମ୍ପ ଏପରି ବୟାନ ଦେଇଛନ୍ତି।

ତୁର୍କୀର ଆଙ୍କାରାରେ ଆୟୋଜିତ ନାଟୋ ଶିଖର ସମ୍ମିଳନୀ ଅବସରରେ ଟ୍ରମ୍ପ କହିଛନ୍ତି, "ମୋ ପାଇଁ ଏହି ଚୁକ୍ତି ଶେଷ। ମୁଁ ଆଉ ଇରାନ ସହ କୌଣସି କାରବାର କରିବାକୁ ଚାହୁଁନି। ସେମାନଙ୍କ ସହ କଥା ହେବା କେବଳ ସମୟର ଅପଚୟ। ଆମେରିକୀୟ ପ୍ରତିନିଧିମାନେ ଆଲୋଚନା ଜାରି ରଖିପାରନ୍ତି।କିନ୍ତୁ ସେହି ଆଲୋଚନାରୁ କୌଣସି ସକାରାତ୍ମକ ଫଳ ବାହାରିବାର ଆଶା ନାହିଁ। ମୁଁ ସେମାନଙ୍କ ସହ ଆଉ କୌଣସି ସମ୍ପର୍କ ରଖିବାକୁ ଚାହୁଁନାହିଁ। ସେମାନେ ନିକୃଷ୍ଟ ଲୋକ। ସେମାନଙ୍କ ନେତୃତ୍ୱ କିଛି ମାନସିକ ବିକୃତ ଲୋକଙ୍କ ହାତରେ ଅଛି। ମୁଁ ଆମ ବୁଝାମଣାକାରୀ ମାନଙ୍କ ସହ କଥା ହେବି।

ଗତକାଲି ରାତିରେ ଆମେ ଇରାନରେ ଶକ୍ତିଶାଳୀ ଆକ୍ରମଣ କରିଛୁ। ସେମାନଙ୍କର କିଛି ସମସ୍ୟା ଅଛି। ଆମେ କହୁଛୁ, 'ଯାଅ ଓ ଶବ ସଂସ୍କାର କାମ କର। କିନ୍ତୁ ସେମାନେ ହର୍ମୁଜରେ ଜାହାଜଗୁଡ଼ିକ ଉପରକୁ ରକେଟ୍ ମାଡ଼ କରିଥିଲା। ତେଣୁ ଏହାର ଦଣ୍ଡ ଜୋରଦାର ଢଙ୍ଗରେ ଆକ୍ରମଣ କରିଛୁ।

ସେମାନେ ମାନସିକସ୍ତରରେ ଅସୁସ୍ଥ। ସେମାନଙ୍କର ନେତାମାନେ ମଧ୍ୟ ବିକୃତ ମାନସିକତାର। ସେମାନେ ଅତ୍ୟନ୍ତ ହିଂସ୍ର ଲୋକ। ଯଦି ସେମାନଙ୍କ ପାଖରେ ପରମାଣୁ ଅସ୍ତ୍ର ଥାନ୍ତା, ତେବେ ସେମାନେ ସେଗୁଡ଼ିକୁ ବ୍ୟବହାର କରିସାରନ୍ତେଣି।"

### ଟ୍ରମ୍ପଙ୍କ ପଦିଏ କଥାରେ ସେନସେକ୍ସ କ୍ରାଶ, ବଢ଼ିଲା ତୈଳ ଦର

### ତେହରାନର ୮୦ଟି ସାମରିକ ଠିକଣାରେ ଆକ୍ରମଣ ସ୍ପଷ୍ଟ କଲେ ଟ୍ରମ୍ପ

ମଙ୍ଗଳବାର ରାତିରେ ଆମେରିକା କରିଥିବା ଆକ୍ରମଣ ପରେ ଇରାନ ମଧ୍ୟ ଏହାର ଜବାବ ଦେଇଛି। ଇରାନ ପକ୍ଷରୁ ବାହାରିନ ଓ କୁଏତ ଉପରେ ପାଲଟା ଆକ୍ରମଣ କରାଯାଇଛି। ଆକ୍ରମଣ ଓ ପ୍ରତି ଆକ୍ରମଣର ପ୍ରଭାବ ମାର୍କେଟ ଉପରେ ପଡିଛି। ବ୍ରେଣ୍ଟ ଅଶୋଧିତ ତୈଳ ଦର ପ୍ରାୟ ୫.୪% ବଢ଼ି ପ୍ରତି ବ୍ୟାରେଲ ୭୮ ଡଲାରରୁ ଅଧିକ ହୋଇଯାଇଛି। ଆମେରିକୀୟ ଡବ୍ଲ୍ୟୁଟିଓ ଅଶୋଧିତ ତୈଳ ଦାମ ପ୍ରାୟ ୫.୮% ବଢ଼ି ପ୍ରତି ବ୍ୟାରେଲ ୭୪.୫୫ ଡଲାରରେ ପହଞ୍ଚିଛି।

ଭାରତୀୟ ବଜାରରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଆମେରିକୀୟ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୬୦ ପଇସା ଖସି ୯୫.୫୭ ଛୁଇଁଛି। ବିଏସଇ ସେନସେକ୍ସ ୧,୬୦୧.୫୭ ପଏଣ୍ଟ (୨.୦୫%) ଖସି ୭୬,୫୭୯.୧୫ରେ ବନ୍ଦ ହୋଇଛି। ନିଫ୍ଟି-୫୦ ୪୮୮.୯୦ ପଏଣ୍ଟ (୨%) ହ୍ରାସ ପାଇ ୨୩,୯୦୮.୨୦ରେ ରହିଛି। ଏଥିଯୋଗୁ ନିବେଶକମାନେ ୮ ଲକ୍ଷ କୋଟି ଟଙ୍କା ହରାଇଛନ୍ତି।

## ପିଏମ୍-ଆବାସ ସହ ଯୋଡ଼ିବ ପିଏମ୍ ସୂର୍ଯ୍ୟଘର

ଭୁବନେଶ୍ୱର,୮।୭(ନି.ପ୍ର.): ରାଜ୍ୟରେ ଶକ୍ତିକ୍ଷେତ୍ର ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପ୍ରଧାନମନ୍ତ୍ରୀ ଅବାସ ଯୋଜନାର ପ୍ରଦତ୍ତ ଘର ସହ ପ୍ରଧାମନ୍ତ୍ରୀ ସୂର୍ଯ୍ୟଘର ଯୋଜନାକୁ ସମନ୍ୱିତ କରାଯିବ। ଏହାଦ୍ୱାରା ଘରର ବିଦ୍ୟୁତ୍ ବ୍ୟବହାର ଉପରେ ନିର୍ଭରତା ହ୍ରାସ ପାଇବ।



ଆଜିର ଏହି ବୈଠକରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବୈଠକର ଅଧ୍ୟକ୍ଷତା କରିଥିଲେ। ଶକ୍ତି କ୍ଷେତ୍ରର ସୁଧାର, ସୁରକ୍ଷା ଏବଂ କେନ୍ଦ୍ର ଓ ରାଜ୍ୟ ଯୋଜନାର କାର୍ଯ୍ୟକାରିତା ଉପରେ ଦୀର୍ଘ ଆଲୋଚନା ହୋଇଥିଲା। ପିଏମ୍ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା ଓ ୟୁଟିଲିଟି ଲେଡ୍ ଆଗ୍ରିଗେସନ ମଡେଲ୍ ର କାର୍ଯ୍ୟାନ୍ୱୟନର ମଧ୍ୟ ସମୀକ୍ଷା କରାଯାଇଥିଲା।

ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ର, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ, ବିଶାଳ କୁମାର ଦେବ ଓପିଟିସିଏଲ୍ ର ସିଏମ୍‌ଡି ଭାସ୍କର ଜ୍ୟୋତି ଶର୍ମା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଏସ୍ ଏନ୍ ଗିରୀଶ ଙ୍କ ସମେତ ଶକ୍ତି ବିଭାଗ ଓ ବିଦ୍ୟୁତ ବିତରଣ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ନବୀକରଣୀୟ ଶକ୍ତି ଏବଂ ସୁଲଭ ଗୃହ ନିର୍ମାଣ ଉପରେ ଗୁରୁତ୍ୱ ଦେଇ ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ କହିଛନ୍ତି, ପିଏମ୍-ସୂର୍ଯ୍ୟ ଘର ଯୋଜନାକୁ ଓଡ଼ିଶା ସରକାରଙ୍କ ବିଭିନ୍ନ ଗୃହ ନିର୍ମାଣ ଯୋଜନା ଯଥା ପିଏମ-ଆବାସ ଯୋଜନା ସହ ସଂଯୋଜନ କରାଯିବ। ଏହା ସେମାନଙ୍କ ଇଚ୍ଛାଧୀନ ରହିବ। ଆମର ଲକ୍ଷ୍ୟ ହେଉଛି ପିଏମ୍ ଆବାସ ଏବଂ ଅନ୍ୟାନ୍ୟ ଗୃହ ଯୋଜନାର ପ୍ରତ୍ୟେକ ହିତାଧିକାରୀ ମଧ୍ୟ ସୌର ଶକ୍ତିର ସୁବିଧା ପାଇପାରନ୍ତୁ। (ପୃ-୮)

ପଶ୍ଚିମବଙ୍ଗରେ ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା

## ପୁଲିସ ଗୁଳିରେ ଦୁଷ୍କର୍ମୀ ମଲା

କୋଲକାତା,୮।୭(ନି.ପ୍ର.): ପଶ୍ଚିମବଙ୍ଗ ବାରୁଇପୁରର ୧୨ ବର୍ଷୀୟ ଝିଅକୁ ଦୁଷ୍କର୍ମ ଓ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ପୁଲିସ୍ ଗୁଳିରେ ପ୍ରାଣ ହରାଇଛି। ପୁଲିସ୍ ଗୁଳିରେ ପ୍ରାଣ ହରାଇଥିବା ପ୍ରଭାସ ମଣ୍ଡଳଙ୍କୁ ନିଜ ଘର ଲୋକ ମଧ୍ୟ ଶେଷ ବିଦାୟ ଜଣାଇବେ ନାହିଁ। କାରଣ ପ୍ରଭାସ ମଣ୍ଡଳ କୌଣସି ଭଲ କାମ କରି ପ୍ରାଣ ହରାଇ ନାହିଁ। ଏଥିପାଇଁ ତା'ର ମୃତଦେହକୁ ଘରେ ପୂରାଇବାକୁ ରୋକଠୋକ ମନା କରି ଦେଇଛନ୍ତି ବାପା ମା'। ସେମାନେ ଶେଷଥର ପାଇଁ ମଧ୍ୟ ପୁଅର ମୁହଁ ଦେଖିବାକୁ ଚାହୁଁ ନାହାନ୍ତି।



ପ୍ରଭାସର ମା' ସନ୍ଧ୍ୟା ମଣ୍ଡଳଙ୍କ କହିବା କଥା ଯେ ତାଙ୍କ ପୁଅ ଯେଉଁ ଜିନିଷର ହକଦାର, ତା'କୁ ସେହି ଶାସ୍ତି ମିଳିଛି। ଏବେ ସେ ସବୁ ପ୍ରକାର ଔପଚାରିକତାରୁ ଦୂରରେ ରହିବେ। ସେ କହିଛନ୍ତି, "ମୋ ପୁଅ ଯାହା କରିଥିଲା, ସେଥିପାଇଁ ଦଣ୍ଡ ପାଇଛି। ମୁଁ ତା' ଶବକୁ ନେବି ନାହିଁ। ମୁଁ ତା' ଶବକୁ କେବେ ହେଲେ ଘରେ ପୂରାଇବି ନାହିଁ। ସେ କିଛି ବି ଭଲ କାମ କରନି। ସେ ଭୁଲ କରିଥିଲା ଓ ଦଣ୍ଡ ପାଇଛି। ତା'କୁ ମାର କିମ୍ବା ଯାହା ଇଚ୍ଛା କର। ମୋର କୌଣସି ଆପତ୍ତି ନାହିଁ।"

ପୁଲିସ୍ ଗୁଳିରେ ପୁଅ ପ୍ରଭାସର ମୃତ୍ୟୁ ଖବର ଦେବାକୁ ଦୁଇ ଜଣ କନଷ୍ଟେବଲ ଆଜି ସକାଳେ ସନ୍ଧ୍ୟାଙ୍କ ଘରକୁ ଆସିଥିଲେ। ଏହି ଖବର ପାଇ ମଧ୍ୟ ସେ ହସ୍ପିଟାଲ ଯିବାକୁ ମନା କରି ଦେଇଥିଲେ। ସନ୍ଧ୍ୟା ନିଜର ଅସୁସ୍ଥ ସ୍ୱାମୀଙ୍କ ଦେଖାଶୁଣା ନିଜ ଘରେ କରୁଛନ୍ତି। ଏବେ ପୁଅର ମୃତ୍ୟୁରେ ମଧ୍ୟ ସେ ଆଦୌ ଅବଶୋଷ କରି ନାହାନ୍ତି। ପ୍ରଭାସ ମଣ୍ଡଳଙ୍କୁ ଗତକାଲି ରାତି ପ୍ରାୟ ୧୨.୪୫ରେ ପୁଲିସ୍ ଟିମ କ୍ରାଇମ ରିକ୍ରିଏସନ ପାଇଁ ଘଟଣା ସ୍ଥଳକୁ ନେଇଥିଲା। ଏହି ସମୟରେ ଜଣେ ପୁଲିସ କର୍ମଚାରୀଙ୍କ ବନ୍ଧୁକ ଛଡାଇ ନେଇ ଗୁଳି କରିଥିଲା ଓ ଖସି ଯିବାକୁ ଚେଷ୍ଟା କରିଥିଲା। କିନ୍ତୁ ପୁଲିସର ପାଲଟା ଆକ୍ରମଣରେ ସେ ଆହତ ହୋଇଥିଲା। ତା'କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତା'କୁ ମୃତ ଘୋଷଣା କରିଥିଲେ।

## ଇସ୍ତଫା ଦେଲେ ବିଜେଡି କାଉନସିଲର

ଚୌଦ୍ୱାର,୮।୭(ନି.ପ୍ର): କଟକ ଜିଲ୍ଲା ଚୌଦ୍ୱାର ପୌର ପାଳିକାର ୧୨ନଂ ୱାର୍ଡରେ କାଉନସିଲର ସୁବ୍ରତ କୁମାର ସାମଲ ବୁଧବାର ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ପଠାଇ ଦେଇଛନ୍ତି।



ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଓ ବିଧାୟକ ସୌଭିକ ବିଶ୍ୱାଳଙ୍କୁ ସମର୍ଥନ ଜଣାଇ ତଥା ଚୌଦ୍ୱାର ପୌର ପାଳିକାର ଅଧ୍ୟକ୍ଷା ତାଙ୍କୁ ଅଣଦେଖା କରୁଥିବା ଅଭିଯୋଗ କରି ସେ ବିଜେଡିରୁ ଇସ୍ତଫା ଦେଇଥିବା କଥା ତାଙ୍କ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ନବୀନଙ୍କ ନିକଟକୁ ପଠାଇଥିବା ଇସ୍ତଫାପତ୍ରରେ କାଉନସିଲର ସୁବ୍ରତ ସାମଲ ଲେଖିଛନ୍ତି, ଆମ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଆଦର୍ଶରେ ମୁଁ ଅନୁପ୍ରାଣିତ ହୋଇ ଜନସେବା କରୁଛି ଓ ବିଧାୟକ ସୌଭିକ ବିଶ୍ୱାଳଙ୍କ ସହଯୋଗରେ ୱାର୍ଡର ଉନ୍ନତି କରିବା ସହିତ ବିଜୁ ଜନତା ଦଳର ସଂଗଠନକୁ ସୁଦୃଢ଼ କରି ରଖିଥିଲି। କିନ୍ତୁ ଅପ୍ରତ୍ୟାଶିତ ଭାବେ ପ୍ରଭାତ ବିଶ୍ୱାଳଙ୍କୁ ଦଳରୁ ବହିଷ୍କାର ଓ ସୌଭିକ ବିଶ୍ୱାଳଙ୍କୁ ନିଲମ୍ବନ କରିବା କାରଣରୁ ମୁଁ ଇସ୍ତଫା ଦେବାକୁ ବାଧ୍ୟ ହେଉଛି।

# ଭିଜିଲାନ୍ସ ଜାଲରେ କୋଟିପତି ରେଞ୍ଜର

ଭୁବନେଶ୍ୱର,୮।୭(ନି.ପ୍ର.): ଭିଜିଲାନ୍ସ ଜାଲରେ ପଡିଛନ୍ତି ଫରେଷ୍ଟ ରେଞ୍ଜର ରବୀନ୍ଦ୍ର କୁମାର ନାୟକ। କଟକ ଫରେଷ୍ଟ ଡିଭିଜନ ଅନ୍ତର୍ଗତ କେନ୍ଦ୍ରାପଡା ଫରେଷ୍ଟ ରେଞ୍ଜରେ କାର୍ଯ୍ୟରତ ଥିବା ଶ୍ରୀ ନାୟକ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ଅଭିଯୋଗରେ ଆଜି ଭିଜିଲାନ୍ସ ପକ୍ଷରୁ ତାଙ୍କର ୪ଟି ଠିକଣାରେ ଚଢ଼ାଉ କରିଛି। ଚାଉ ଜାରି ରହିଥିବା ବେଳେ ଶ୍ରୀ ନାୟକ ଓ ତାଙ୍କ ପରିବାର ଲୋକଙ୍କ ନାଁରେ ଥିବା ବହୁ ସଂପତ୍ତି ଠାବ କରିଛି ଭିଜିଲାନ୍ସ।



ରେଞ୍ଜର ଶ୍ରୀ ନାୟକ ଓ ତାଙ୍କ ପରିବାର ଲୋକଙ୍କ ନାଁରେ ଥିବା ସଂପତ୍ତି ମଧ୍ୟରେ ରହିଛି ଏକ ଚାରି ମହଲା କୋଠା। ଏହି କୋଠା କଟକର ବାରଙ୍ଗର ମୁଣ୍ଡଳୀଠାରେ ଅଛି। ଏହା ପ୍ରାୟ ୬୪୦୦ ବର୍ଗଫୁଟ ଜାଗାରେ ନିର୍ମାଣ ହୋଇଛି। ସେହିପରି କଟକ ଜିଲ୍ଲା ବାଙ୍କୀର ସାହାଡାପଡାରେ ଏକ କୋଠା ଅଛି। କଟକର ବାରଙ୍ଗ ଅଞ୍ଚଳରେ ତାଙ୍କର ୬ଟି ମୂଲ୍ୟବାନ ପ୍ଲଟ୍ ରହିଛି। ଏହି କୋଠା ଓ ପ୍ଲଟ୍‌ଗୁଡିକର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଟିମ୍ ପକ୍ଷରୁ ମାପଚୁପ ଓ ମୂଲ୍ୟାଙ୍କନ କାର୍ଯ୍ୟ ଜାରି ରହିଛି।

ଭିଜିଲାନ୍ସ ଚଢ଼ାଉ ବେଳେ ରେଞ୍ଜର ଶ୍ରୀ ନାୟକଙ୍କ ଘରୁ ନଗଦ ୨ ଲକ୍ଷ ୧୪ ହଜାର ଟଙ୍କା ଓ ସୁନା ଗହଣା ଜବତ କରାଯାଇଛି। ଖବର ଲେଖାଯିବା ସୁଦ୍ଧା, ତାଙ୍କ ଘରୁ ମିଳିଥିବା ସୁନାଗହଣାଗୁଡିକର ଓଜନ କରାଯାଇ ନଥିଲା। ସେହିପରି ସେ ୪୩ ଲକ୍ଷ ଟଙ୍କା ଜମା ରଖିଛନ୍ତି। ତାଙ୍କର ଗୋଟିଏ କାର ଓ ଗୋଟିଏ ଦୁଇ ଚକିଆ ଗାଡି ଅଛି।

ସୂଚନାଯୋଗ୍ୟ, ଗତକାଲି ଜଣେ ଲିଜ୍‌ଧାରୀଙ୍କଠାରୁ ୨ ଲକ୍ଷ ଟଙ୍କା ଲାଞ୍ଚ ନେଇ ଧରାପଡିଥିବା କୋରାପୁଟ ଜିଲ୍ଲା ଜୟପୁର ଖଣି ଉପନିର୍ଦ୍ଦେଶକ ତଥା ଭୂତତ୍ତ୍ୱ ଉପନିର୍ଦ୍ଦେଶକ ସତ୍ୟଜିତ ରାଉତଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ୨ ଲକ୍ଷ ଟଙ୍କାର ଲାଞ୍ଚ ଅର୍ଥ ସମେତ ତାଙ୍କଠାରୁ ନଗଦ ମୋଟ ୬ଲକ୍ଷ ୯୦ ହଜାର ଟଙ୍କା ଜବତ କରାଯାଇଛି।

## ସାଇବର ଠକେଇ ଶୀଘ୍ର ତଦନ୍ତ ପାଇଁ ଇ-ଜିରୋ ଏଫଆଇଆର ବ୍ୟବସ୍ଥା

କଟକ, ୮।୭(ନି.ପ୍ର.): ସାଇବର ଅପରାଧ ନିୟନ୍ତ୍ରଣ ପାଇଁ ଓଡ଼ିଶା ପୋଲିସ ଲାଗୁ କଲା 'ଇ-ଜିରୋ ଏଫ୍‌ଆଇଆର୍ ବ୍ୟବସ୍ଥା। ବିଶେଷ କରି ଆର୍ଥିକ ଠକେଇ ମାମଲାର ଶୀଘ୍ର ପଞ୍ଜୀକରଣ, ଦ୍ରୁତ ତଦନ୍ତ ଏବଂ ପୀଡ଼ିତଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟରେ ଏହି ବ୍ୟବସ୍ଥା ଲାଗୁ କରାଗଲା ବୋଲି ଡିଜିପି ଯୋଗେଶ ବହାଦୁର ଖୁରାନିଆ କହିଛନ୍ତି।ନୂଆ ବ୍ୟବସ୍ଥା ଅନୁସାରେ ଆର୍ଥିକ ଠକେଇର ଶିକାର ହେବା ମାତ୍ରେ ଜାତୀୟ ସାଇବର ହେଲ୍ପଲାଇନ୍ ୧୯୩୦କୁ ଯୋଗାଯୋଗ କରିବାକୁ ହେବ। ସିସିଟିଏନଏସ ଦ୍ୱାରା ଏହା ପଞ୍ଜିକରଣ ହେବା ସହ ଅଭିଯୋଗର ତଦନ୍ତ ଆରମ୍ଭ ହୋଇଯିବ। ତେବେ ୧୦ ଲକ୍ଷ ଟଙ୍କା କିମ୍ବା ତା'ଠାରୁ ଅଧିକ ସାଇବର ଆର୍ଥିକ ଠକେଇ ସମ୍ବନ୍ଧୀୟ ଅଭିଯୋଗ ଗୁଡିକ କ୍ଷେତ୍ରରେ ଏହା ଲାଗୁ ହେବ। ଭବିଷ୍ୟତରେ ଏହାକୁ ଆହୁରି ସରଳିକରଣ କରାଯିବ ବୋଲି ଡିଜିପି କହିଛନ୍ତି। ୧୯୩୦ରେ ପଞ୍ଜୀକୃତ ହେଲେ, ସିସିଟିଏନଏସରେ ସ୍ୱୟଂଚାଳିତ ଭାବେ ଇ-ଜିରୋ ଏଫଆଇଆର ଅନୁରୋଧ ସୃଷ୍ଟି ହେବ ଏବଂ ତାହା ଅପରାଧ ଶାଖାର ସାଇବର ପୋଲିସ ଷ୍ଟେସନ୍‌କୁ ପଠାଯିବ।ପ୍ରାଥମିକ ଯାଞ୍ଚ ପରେ ସାଇବର ପୋଲିସ ଷ୍ଟେସନ୍ ନିୟମିତ ଏଫ୍‌ଆଇଆର୍ ପଞ୍ଜୀକରଣ କରି ତଦନ୍ତ ଆରମ୍ଭ କରିପାରିବ। ଆବଶ୍ୟକତା ଅନୁଯାୟୀ ମାମଲାକୁ ସମ୍ପୃକ୍ତ ଥାନାକୁ ସ୍ଥାନାନ୍ତର କରାଯିବ ବୋଲି ଡିଜିପି କହିଛନ୍ତି।

ଆଜାଦ୍ ନଗର ବୋମା ବିସ୍ଫୋରଣ ମାମଲା

## ୟୁପିରୁ ଆଉ ଜଣେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୮।୭(ନି.ପ୍ର.); ସୁନ୍ଦରପଦା ବୋମା ବିସ୍ଫୋରଣ ଘଟଣାରେ ଏନଆଇଏର ବଡ ଆକ୍ସନ। ୟୁପିରୁ ରୋହନ ରଞ୍ଜନ ରାଉତରାୟକୁ ଉଠାଇଲା ଜାତୀୟ ତଦନ୍ତକାରୀ ସଂସ୍ଥା। ଭୁବନେଶ୍ୱର ସୁନ୍ଦରପଦା ବୋମା ବିସ୍ଫୋରଣ ଘଟଣାରେ ରୋହନର ସମ୍ପୃକ୍ତି ଥିବା ଏନଆଇଏ ଜାଣିବାକୁ ପାଇଥିଲା। ରୋହନ ବିରୋଧରେ ବିସ୍ଫୋରକ ରଖିବା, ଅନ୍ୟର ଜୀବନକୁ ବିପଦରେ ପକାଇବା, ଅପରାଧିକ ଷଡଯନ୍ତ୍ର ଭଳି ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ରୋହନ ରଞ୍ଜନ ରାଉତରାୟର ଘର ଭୁବନେଶ୍ୱର ପଟିଆ ଅଞ୍ଚଳରେ। ବିସ୍ଫୋରଣ ଘଟଣାର ତଦନ୍ତ ବେଳେ ସେ ଉତ୍ତର ପ୍ରଦେଶ ପଳାଇଥିଲା। ସୂଚନାନୁଯାୟୀ, ସୁନ୍ଦରପଦା ଆଜାଦ୍ ନଗରରେ ୨୦୨୬ ଜାନୁଆରୀ ୨୭ରେ ହୋଇଥିବା ବିସ୍ଫୋରଣରେ ମୁଖ୍ୟ ଅଭିଯୁକ୍ତ ସେହନୱାଜ୍ ଓ ତାଙ୍କ ମାଆଙ୍କର ମୃତ୍ୟୁ ହୋଇଥିଲା। ସେହନୱାଜର ପ୍ରେମିକା ଓ ସାଙ୍ଗ ଆହତ ହୋଇଥିଲେ। ଏନଆଇଏ ରୋହନକୁ ଗିରଫ କରି ଝାରପଡା ଜେଲକୁ ପଠାଇଛି। ୨୦୨୫ ଅଗଷ୍ଟ ୮ରେ ଭୁବନେଶ୍ୱର ପାତ୍ରପଡାରେ ହୋଇଥିବା ଥାର୍ ଟ୍ରାଜେଡି ଘଟଣାରେ ରୋହନ ରଞ୍ଜନ ରାଉତରାୟ ଗିରଫ ହୋଇଥିଲା। ଏହି ଲୋମଟାଙ୍କୁରା ଦୁର୍ଘଟଣାରେ ଦୁଇଜଣ ମାଆ-ଝିଅଙ୍କ ମୃତ୍ୟୁ ହୋଇଥିଲା। ଜଣେ ମହିଳା ତାଙ୍କ ଛୋଟ ଝିଅକୁ ଧରି ରାସ୍ତା ପାର୍ ହେଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଥାର୍ ସେମାନଙ୍କୁ ଧକ୍କା ଦେଇଥିଲା। ଏହି ଘଟଣାରେ ପୁଲିସ ଦୀର୍ଘ ଦିନ ଧରି ତଦନ୍ତ କରିବା ପରେ ମୁଖ୍ୟ ଅଭିଯୁକ୍ତ ରୋହନ ରଞ୍ଜନ ରାଉତରାୟକୁ ଗିରଫ କରିଥିଲା।

### ଡାହୁକ



ଯେବେବି ଦୁର୍ନୀତି କରିଲେ ସରକାର
କା, ଆଖିକୁ ଦିଶୁ ନେଇ
ପାଇ ବହୁମତ ତେଲରେ ବୁଡିଚି
ଏମିତି ବାଗରେ ନାହିଁ
ବିରୋଧୀ ରଡିଲେ ବିରୁଦ୍ଧରେ ଯେତେ
ଶୁଣିବାର କେହି ନାହିଁ।
-ବିଧୁ

# ଫିଟନେସ୍ ନିୟମ ଉଲ୍ଲଙ୍ଘନ କଲେ ଜବତ ହେବ ଗାଡ଼ି

କଟକ,୮।୭(ନି.ପ୍ର.): ସଡ଼କ ଦୁର୍ଘଟଣା ହ୍ରାସ ତଥା ସମସ୍ତ ସଡ଼କ ବ୍ୟବହାରକାରୀଙ୍କୁ ସୁରକ୍ଷାକୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ଜାରି ରହିଛି । ତେବେ ଅଭ୍ୟାସଗତ ନିୟମ ଉଲ୍ଲଙ୍ଘନକାରୀ ଓ ସଡ଼କ ସୁରକ୍ଷା ନିୟମ ପାଳନକୁ ନେଇ ଗୁରୁତର ତ୍ରୁଟି କରୁଥିବା ଗାଡ଼ି ଗୁଡ଼ିକୁ ଅଙ୍କୁଶ ଲଗାଇବାକୁ ଆଭିମୁଖ୍ୟକୁ ଆହୁରି କଠୋର କରିବାକୁ ନିଷ୍ପତ୍ତି ହୋଇଛି । ଏଭଳି ଗାଡ଼ିକୁ କେବଳ ଜରିମାନା ଲାଗୁ କରି ଛାଡ଼ିଦେବା ବଦଳରେ ମୋଟର ଯାନ ନିୟମ ଅନୁଯାୟୀ ଜବତ କରିବା ଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି ।

ଏହି ସନ୍ଦର୍ଭରେ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଓ ଏନଫୋର୍ସମେଣ୍ଟ ଅଧିକାରୀଙ୍କୁ ସର୍କୁଲାର ଜାରି କରି ଅବଗତ କରାଇଛି ରାଜ୍ୟ ପରିବହନ ପ୍ରାଧିକରଣ । ଏଥିରେ ଦର୍ଶାଯାଇଛି ଯେ, ଗତ ଏପ୍ରିଲ ପହିଲାରୁ ୩୦ ଜୁନ୍ ୨୦୨୬ ମଧ୍ୟରେ ହୋଇଥିବା ଏନଫୋର୍ସମେଣ୍ଟ କାର୍ଯ୍ୟର ସମୀକ୍ଷାରୁ ଜଣାପଡ଼ିଛି ଯେ, ନିୟମ ଉଲ୍ଲଙ୍ଘନ କରି ଚଳାଚଳ କରୁଥିବା ମୋଟର ଯାନଗୁଡ଼ିକ ବିରୋଧରେ ମୋଟର ଯାନ ଆଇନର ଧାରା ୧୯୨ ଅଧୀନରେ ଅନେକ ଚାଲାଣ ଜାରି ହୋଇଥିଲେ ସୁଦ୍ଧା ଧାରା ୨୦୭ ଅନୁଯାୟୀ ଗାଡ଼ି ଜବତ ସଂଖ୍ୟା କମ୍ ରହିଛି। ଏହି ସମୟରେ ସାରା ରାଜ୍ୟରେ ୧,୬୪,୮୮୨ ଚାଲାଣ ଜାରି ହୋଇଥିବା ବେଳେ ମାତ୍ର ୪୨୮ ଟି ଗାଡ଼ି ଜବତ ହୋଇଛି।



କେବଳ ଚାଲାଣ ଜାରି କରି ଅଯୋଗ୍ୟ ଏବଂ ଅନୁପଯୁକ୍ତ ଗାଡ଼ିକୁ ଛାଡ଼ିଦେବା ଦ୍ୱାରା ସଡ଼କ ସୁରକ୍ଷା ଉଦ୍ଦେଶ୍ୟ ସାଧିତ ହେଉନାହିଁ। ଏଭଳି ଅନୁପଯୁକ୍ତ ଗାଡ଼ି ଗୁଡ଼ିକ ବିନା ଉଚିତ୍ ସୁଧାରରେ ପୁଣି ଥରେ ରାସ୍ତାକୁ ଆସୁଛନ୍ତି । ଏହି ବେଆଇନ ଗାଡ଼ି ଚଳାଚଳ ଯୋଗୁଁ ଅନେକ ସମୟରେ ମର୍ମନ୍ତୁଦ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି । ତେଣୁ ଏଣିକି ଯଦି କୌଣସି ଗାଡ଼ି ଫିଟନେସ୍ ବିନା ଗାଡ଼ି ଚଳାଉଛନ୍ତି, ତେବେ ସେମାନଙ୍କ ବିରୋଧରେ କଠୋର ଆଭିମୁଖ୍ୟ ସ୍ୱରୂପ ଗାଡ଼ି ଜବତ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ସେହିଭଳି ପଞ୍ଜିକରଣ, ପରମିଟ୍ କିମ୍ବା ବୀମା ନିୟମ ଉଲ୍ଲଙ୍ଘନ କ୍ଷେତ୍ରରେ ମଧ୍ୟ କଡ଼ା ଆଭିମୁଖ୍ୟ ପୋଷଣ କରିବା ପାଇଁ କୁହାଯାଇଛି।

ତେବେ ଏହି ପଦକ୍ଷେପରେ ପାରଦର୍ଶିତା ଲାଗି କୁହାଯାଇଛି ଯେ, ଯଦି ଏଭଳି କୌଣସି ଗାଡ଼ିକୁ ଏନଫୋର୍ସମେଣ୍ଟ ଅଧିକାରୀ ଜବତ କରନ୍ତି କିମ୍ବା ନ କରନ୍ତି, ଉଭୟ କ୍ଷେତ୍ରରେ ସେମାନେ କାର୍ଯ୍ୟାନୁଷ୍ଠାନର ଉଚିତ୍ କାରଣ ଦର୍ଶାଇବେ। ସମଗ୍ର ରାଜ୍ୟରେ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପୋଲିସ ପ୍ରଶାସନ ସହ ସମନ୍ୱୟ ରକ୍ଷା କରାଯିବା ସହ ବାହନ ଏବଂ ଇ-ଚାଲାଣ ଡାସବୋର୍ଡରେ ଆଲର୍ଟ ବ୍ୟବସ୍ଥାର ସହାୟତା ମଧ୍ୟ ନିଆଯାଉଛି। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ କୌଣସି ବି ଅଧିକାରୀ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ନରମ ଆଭିମୁଖ୍ୟ ପୋଷଣ ନ କରିବାକୁ କୁହାଯାଇଛି।

ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ କୁହାଯାଇଛି ଯେ, ସଡ଼କ ଦୁର୍ଘଟଣା ହ୍ରାସକୁ ମିଶନ ଭାବରେ ଗ୍ରହଣ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ନିୟମ ଉଲ୍ଲଙ୍ଘନକାରୀଙ୍କ ଯୋଗୁଁ ନିରୀହ ଜୀବନ ଅକାଳରେ ଚାଲିଯାଉଛି। ବିନା ଫିଟନେସ ଗାଡ଼ି ଯୋଗୁଁ ଦୁର୍ଘଟଣା ବଢୁଛି । ପୂର୍ବରୁ କେବଳ ଜରିମାନା ଜାରି ହେଉଥିବା ବେଳେ ପରେ ପଞ୍ଜିକରଣ ରଦ୍ଦ ଭଳି ଆଭିମୁଖ୍ୟ ନିଆଯାଇଛି । ତେବେ ଏହି ବିନା ଫିଟନେସ ଗାଡ଼ି ଚଳାଚଳ ଚିତ୍ରରେ ସୁଧାର ପାଇଁ ଆହୁରି କଡ଼ା ଆଭିମୁଖ୍ୟ ଗ୍ରହଣର ଆବଶ୍ୟକତା ରହିଛି । ତେବେ ଏଭଳି କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ନ ହେବାକୁ ସମସ୍ତ ସଡ଼କ ବ୍ୟବହାରକାରୀ ସଡ଼କ ସୁରକ୍ଷା ନିୟମ ପାଳନ କରିବାକୁ ଅନୁରୋଧ କରାଯାଉଛି।

ଗୁରୁବାର ୦୯, ଜୁଲାଇ ୨୦୨୬, ଭୁବନେଶ୍ୱର
Thursday, 09 July 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଖାଦ୍ୟଶସ୍ୟ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ସଜାଗ ହୁଅ

ଭାରତୀୟ କୃଷି ଓ କୃଷକର ଜୀବନ ଧାରା ଭାବେ ପରିଚିତ ଦକ୍ଷିଣ-ପଶ୍ଚିମ ମୌସୁମୀ ଗୁରୁତର ନିଅଂଟିଆ କ୍ଷେତ୍ରରେ ରହିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ଆକଳନ ଅନୁଯାୟୀ ଚଳିତ ମୌସୁମୀ ଋତୁ (ଜୁନ୍ ରୁ ସେପ୍ଟେମ୍ବର)ରେ ଗଲା ୨୨ତାରିଖ ସୁଦ୍ଧା ମାତ୍ର ୪୨.୮ ପ୍ରତିଶତ ବର୍ଷା ହୋଇଛି। ଯାହାକି ଏହି ସମୟ ମଧ୍ୟରେ ସ୍ୱାଭାବିକ ହାରାହାରି ବର୍ଷାର ନିମ୍ନରେ ରହିଛି। ତେବେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ବହୁଚର୍ଚ୍ଚିତ ଏଲ-ନିନୋର ପ୍ରଭାବ ପଡିନଥିବାବେଳେ ନିଅଂଟିଆ ବର୍ଷା ଚିନ୍ତାର କାରଣ ହୋଇଛି। ଚାରିଦିନ ବିଳମ୍ବରେ ମୌସୁମୀ କେରଳରେ ପ୍ରବେଶ କରିଥିବାବେଳେ ଦେଶର ବହୁ ଅଂଚଳକୁ ବର୍ତମାନ ସୁଦ୍ଧା ଛୁଇଁ ପାରିନାହିଁ। ଜୁନ ମାସରେ ଯେତିକି ପରିମାଣର ବର୍ଷା ହେବା କଥା, ତା'ଠାରୁ କମ୍ ପରିମାଣର ବର୍ଷା ମୌସୁମୀ ଦୁର୍ବଳ ହୋଇପଡିଥିବା ଦର୍ଶାଉଛି। ଏହା ନିସନ୍ଦେହ ଯେ, ମୌସୁମୀର ପ୍ରାରମ୍ଭିକ ଅଗ୍ରଗତି ପରେ ଏବେ ଏହାର ନାଡି ସ୍ପନ୍ଦନ ଦୁର୍ବଳ ହୋଇ ପଡିଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଶକ୍ତିଶାଳୀ ଉତର-ପଶ୍ଚିମ ଶୁଷ୍କ ବାୟୁ ପ୍ରବାହ ମୌସୁମୀର ଗତିରୋଧ କରିଥିବାବେଳେ ଭୂମଧ୍ୟ ସାଗରୀୟ ଅଂଚଳରୁ ବାଦଲ ଓ ଆଦ୍ରତା ଭରା ବାୟୁ ପୂର୍ବଦିଗ ଅଭିମୁଖେ ପ୍ରବାହ ସକ୍ରୀୟ ହୋଇପାରିନାହିଁ। ତେଣୁ ଗଲା ୧୫ରୁ ୨୧ତାରିଖ ମଧ୍ୟରେ ମୌସୁମୀ ବିଶେଷ ଭାବେ ଅଗ୍ରଗତି କରିପାରିନାହିଁ। ଆମ ରାଜ୍ୟରେ ମୌସୁମୀ ୧୨ଦିନ ବିଳମ୍ବରେ ପ୍ରବେଶ କରିଥିବାବେଳେ ୧୧ଦିନରେ ସାରା ରାଜ୍ୟକୁ ଛୁଇଁଥିବା ସତ୍ୱେ ବର୍ଷା ପରିମାଣ ନିଅଂଟିଆ ରହିଛି। ବର୍ତମାନ ସୁଦ୍ଧା ପାହାଡିଆ ଢିପ ଅଂଚଳରେ ଖରିଫ ଚାଷ ବାଧାପ୍ରାପ୍ତ ହୋଇଥିବା କୁହାଯାଏ। ଏହା ନିସନ୍ଦେହ ଯେ, ଜୁନ ମାସରେ ନିଅଂଟିଆ ବର୍ଷା ଭବିଷ୍ୟତ ପାଇଁ ଆଦୌ ଉତମ ନୁହେଁ। ଆଇଏମଡି ସମେତ ବହୁ ଆନ୍ତର୍ଜାତିକ ପାଣିପାଗ ସଂସ୍ଥା ଓ ସାମ୍ପ୍ରତିକ ଏଲ-ନିନୋ ଆସନ୍ତା ଅଗଷ୍ଟ-ସେପ୍ଟେମ୍ବର ମାସ ବେଳକୁ ଏକ ଶକ୍ତିଶାଳୀ କ୍ଷେତ୍ରରେ ପରିଣତ ହେବ ଏବଂ ଅକ୍ଟୋବର-ଜାନୁୟାରୀ ମଧ୍ୟରେ ଅତ୍ୟନ୍ତ ଶକ୍ତିଶାଳୀ ହେବା ନେଇ ଭବିଷ୍ୟବାଣୀ କରିଛନ୍ତି। ସାମ୍ପ୍ରତିକ ସ୍ଥିତିକୁ ଅନୁଧ୍ୟାନ କଲେ, ଏକ ନିଅଂଟିଆ ବର୍ଷାର ସ୍ଥିତିରେ କୌଣସି ପରିବର୍ତନ ହେବ ନାହିଁ ଏବଂ ଆଗକୁ ଅତ୍ୟନ୍ତ ଖରାପ ପରିସ୍ଥିତି ପାଇଁ ସଜାଗ ଓ ପ୍ରସ୍ତୁତ ହେବାକୁ ହେବ। ସ୍ମରଣଯୋଗ୍ୟ ଯେ, ୨୦୧୫-୧୬ ଏବଂ ୨୦୨୩-୨୪ରେ ଦୁଇଟି ଶକ୍ତିଶାଳୀରୁ ଅତି ଶକ୍ତିଶାଳୀ ଏଲ-ନିନୋ କ୍ଷେତ୍ର ସୃଷ୍ଟି ହୋଇଥିଲା। ଯାହାର ପ୍ରଭାବରେ ଦେଶର ବିଭିନ୍ନ ଅଂଚଳରେ ଉତ୍କୃଷ୍ଟ ମରୁଡି ସୃଷ୍ଟି ହୋଇଥିଲା। ୨୦୨୬-୨୭ ବର୍ଷରେ ଏଭଳି ପରିସ୍ଥିତି ଭିନ୍ନ ହୋଇନପାରେ। କେବଳ ସାନ୍ତ୍ୱନା ଏତିକି ଯେ, ଦୁଇଟି ଲଗାତାର କୃଷି ବର୍ଷ ପରେ ଏବେ ଉତ୍କଟ ମରୁଡି ସମ୍ଭାବନା ଦେଖାଦେଇଛି। ୨୦୨୪-୨୫ ଏବଂ ୨୦୨୫-୨୬ ବର୍ଷରେ ଭାରତ ସମେତ ସମଗ୍ର ବିଶ୍ୱରେ ରେକର୍ଡ ପରିମାଣର କୃଷି ଉତ୍ପାଦନ ହୋଇଥିଲା। ବିଶେଷ କରି ଗହମ, ଧାନ, ଆଖୁ, ସମେତ ସୋୟାବିନ, ପାମ୍-ଅଏଲ୍, ରେପସିଡ୍ ଉତ୍ପାଦନ ହୋଇଥିଲା। ଲଗାତାର ଦୁଇବର୍ଷ ଧରି ଦେଶରେ ତଥା ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ରେକର୍ଡ ପରିମାଣର ଖାଦ୍ୟଶସ୍ୟ ଅମଳ ହୋଇଥିବାବେଳେ ଏବେ ଯଥେଷ୍ଟ ଖାଦ୍ୟଶସ୍ୟ ମହଜୁଦ ରହିଛି। ତେବେ ଆମେରିକା-ଇରାନ ଯୁଦ୍ଧ ଯୋଗୁଁ ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ, କୋଇଲା, ସାରର ମୂଲ୍ୟବୃଦ୍ଧିର ପ୍ରଭାବ ପଡିଛି। ଯାହାର ପରିଣତି ସ୍ୱରୁପ ଖାଦ୍ୟଶସ୍ୟ ସହ ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀ ଏବେ ମହଙ୍ଗା ମୁହାଁ ହୋଇଛି। ଏଲ-ନିନୋ ପ୍ରଭାବରେ ନିଅଂଟିଆ ବର୍ଷା ଯୋଗୁଁ କୃଷି ଉତ୍ପାଦନ ବାଧାପ୍ରାପ୍ତ ହେଲେ ଦରଦାମ ବୃଦ୍ଧି ଉତ୍କଟ ହେବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ମୁଦ୍ରାସ୍ଫୀତି ୪.୬ ରହିବା ନେଇ ଭାରତୀୟ ରିଜର୍ଭବ୍ୟାଙ୍କ (ଆରବିଆଇ) ଆକଳନ ନିକଟରେ ଏହା ୫.୧ ପ୍ରତିଶତ ରହିବା ନେଇ ଆକଳନ କରିଛି। ସେହିପରି ଖାଦ୍ୟ ମୁଦ୍ରାସ୍ଫୀତି ମାସକ ମଧ୍ୟରେ ୪.୨ ପ୍ରତିଶତରୁ ୪.୭୮ ପ୍ରତିଶତକୁ ବୃଦ୍ଧି ପାଇଛି। ଟମାଟୋ, ଅଦା ଆଦିର ଅଚାନକ ମୂଲ୍ୟ ବୃଦ୍ଧି ମୁଦ୍ରାସ୍ଫୀତି ଉପର ମୁହାଁ ହୋଇଥିବା କୁହାଯାଇଥିବାବେଳେ ନିଅଂଟିଆ ବର୍ଷା ଏବଂ ଖରିଫ ଚାଷ ବାଧାପ୍ରାପ୍ତ ହେବା ଯୋଗୁଁ ମହଙ୍ଗା ମାଡ ଏକ ପ୍ରକାର ନିଶ୍ଚିତ ହୋଇଯାଇଛି ବୋଲି କୁହାଯାଇପାରେ। ତେଣୁ ସାମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଖାଦ୍ୟଶସ୍ୟ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ସରକାର ଆଗୁଆ ସଜାଗ ହେବେ ବୋଲି ଆଶାବ୍ୟକ୍ତ।

# ବାଣୀକଣ୍ଠ ନିମାଇଁ ଚରଣ

**ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା**

'ହେ ଜଗନ୍ନାଥ। ତୁମ ବାହାଡ୍ଡାରେ ମୋତେ ବାହୁଡ଼ାଇ ନିଅ'....।

'ବଡ଼ ମାୟାବୀ ଜୀବ ନୁହେଁ କାହାର....', 'ବୋହୂ ଚାଲି ନ ଜାଣଇ ଲୋ..', 'କି ହେବ ଶୁଆ ପୋଷିଲେ...', 'ବାୟା ମନ ଚାଲ ଏଥର..', 'ଥକା ମନା ଚାଲ ଯିବା..', 'କେତେ ଦିନୁ ଧନ...' ପରି ଆବେଗପୂର୍ଣ୍ଣ ଚେତନାଦାୟୀ ହୃଦୟସ୍ପର୍ଶୀ କାଳଜୟୀ ଗୀତର ଅମୃତ ସ୍ରଷ୍ଟା ଥିଲେ ବାଣୀକଣ୍ଠ ନିମାଇଁ ଚରଣ। ପିଲାଦିନେ ରେଡ଼ିଓରେ ତାଙ୍କ ଗୀତ ଶୁଣିବାର ଝାପସା ଅନୁଭୂତି ମୋର ମନେ ଅଛି। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ବନମାଳୀ, ଦୀନକୃଷ୍ଣ, ଗୋପାଳକୃଷ୍ଣ, କବିସୂର୍ଯ୍ୟ ବଳଦେବ ରଥ, ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ପଦ୍ୟଗୁଡ଼ିକୁ ଆଜୀବନ ପ୍ରାଧାନ୍ୟ ଦେଇଥିବା ଏବଂ ଗାଇଥିବା କଣ୍ଠଶିଳ୍ପୀ ହେଉଛନ୍ତି ବାଣୀକଣ୍ଠ ପଦ୍ମଶ୍ରୀ ନିମାଇଁଚରଣ ହରିଚନ୍ଦନ। କହିବାକୁଗଲେ ସେ ହିଁ ଓଡ଼ିଶାର ପ୍ରଥମ ପେସାଦାର ଗାୟକ।



ତୁଳସୀ ଦୁଇ ପତ୍ରରୁ ବାସିବା ପରି ଶୈଶବରେ ଆରମ୍ଭ ହୋଇଥିଲା, ତାଙ୍କର ଗାୟକ ଜୀବନ। ପ୍ରେରଣା ପାଇଥିଲେ ନିଜ ଘରୁ ନିଜର ଦାଦା ତଥା ଓଡ଼ିଶାର ବିଶିଷ୍ଟ ସଂଗୀତ ଗୁରୁ ଗୋକୁଳଚନ୍ଦ୍ର ଶ୍ରୀଚନ୍ଦନ ଥିଲେ, ତାଙ୍କର ପ୍ରଥମ ଗୁରୁ। ଗୋକୁଳଚନ୍ଦ୍ରଙ୍କ ଠାରୁ ହାରମୋନିଅମରେ ଓଡ଼ିଶୀ, ଛାନ୍ଦ, ଜଣାଣ ଆଦି ଶିକ୍ଷା କରିବା ପରେ ପରବର୍ତ୍ତୀ ସମୟରେ ଆର୍ତ୍ତବନ୍ଧୁ ପାତ୍ରଙ୍କ ଠାରୁ ସଂଗୀତ ଶିକ୍ଷା କରିଥିଲେ। କଟକର ବିଖ୍ୟାତ ତବଲା ବାଦକ ଜଗମୋହନ ନାୟକଙ୍କର ମଧ୍ୟ ସେ ଶିଷ୍ୟ। ସେ ସମୟରେ ଜଗମୋହନ ନାୟକ ଜଣେ ଉଚ୍ଚକୋଟୀର ଓ ବିଶିଷ୍ଟ ତବାଲ ବାଦକ ଭାବେ ପରିଚିତ ଥିଲେ। ବାଣୀକଣ୍ଠଙ୍କ କଣ୍ଠରୁ ସୁର ସମ୍ପନ୍ନ କରିଥିଲେ କଟକର ହିନ୍ଦୁସ୍ତାନୀ ସଂଗୀତ ଗୁରୁ ମାଧୋ ରାଓ। କହିବାକୁଗଲେ ଏହିଠାରୁ ବାଣୀକଣ୍ଠଙ୍କ ସ୍ୱରର ଝଙ୍କାର ଆହୁରି ହୃଦୟ ଛୁଆଁ ହୋଇଥିଲା। ବିଧିବଦ୍ଧ ଭାବେ ଗାନ ଶୈଳୀ ଓ କଣ୍ଠସ୍ୱର ସମ୍ପର୍କରେ ଉଚ୍ଚ ତାଲିମର ବ୍ୟବସ୍ଥା କରିଥିଲେ। ଏହିଭଳି କେନ୍ଦ୍ରାପଡ଼ା ଓ କଟକରେ ସଂଗୀତ, ବାଦ୍ୟ-ଯନ୍ତ୍ର ଆଦିରେ ତାଲିମ ନେବା ପରେ ଅଧିକ ବିକାଶ ପାଇଁ କାଲକାତା ଯାଇଥିଲେ। ସେ ସମୟରେ କଟକ ବେତାର କେନ୍ଦ୍ର ସ୍ଥାପିତ ହୋଇନଥିଲା। ଏସବୁ ସତ୍ତ୍ୱେ ୯୩୪ରେ କାଲକାତା ବେତାର କେନ୍ଦ୍ରରେ ସେ ଗାଇବା ଆରମ୍ଭ କରିଥିଲେ। ଏହା ପୂର୍ବରୁ 'ହିଜ୍ ମାଷ୍ଟର୍ସ' ଗ୍ରାମ୍‌ଫୋନ କମ୍ପାନୀ ପାଇଁ ଅବଶ୍ୟ ଏକାଧିକ ଗୀତ ଗାଇସାରିଥିଲେ। ଏକ ଜମିଦାର ପରିବାରରେ ଜନ୍ମ ହୋଇଥିଲେ ହେଁ ବାଣୀକଣ୍ଠଙ୍କ ଶୈଶବ ଘୋର ଦାରିଦ୍ର୍ୟ ମଧ୍ୟରେ କଟିଥିଲା।

କିନ୍ତୁ ତାଙ୍କ କଣ୍ଠର ଯାଦୁ ଅଟକାଇ ପାରିନଥିଲା ପ୍ରତିଭାକୁ ଆଗେଇ ନେବାପାଇଁ। ତାଙ୍କ ପିତା ଅନେକ ସମୟ ଚିକିତ୍ସିତ ହେଉଥିବାରୁ ଘରର ଖର୍ଚ୍ଚ ବଢ଼ି ଯାଉଥିଲା। ଶୈଶବରେ ପାଠ ଛାଡ଼ିବାକୁ ପଡ଼ିଥିଲା। ପରିବାର ଭରଣପୋଷଣ ପାଇଁ ଏକଦା ଯାତ୍ରୀ ପରିବହନ ବ୍ୟବସାୟ କରି ବିପୁଳ କ୍ଷତି ସହିଥିଲେ। କଟକର ପ୍ରତିଷ୍ଠିତ ବ୍ୟକ୍ତି ଡ.ପ୍ରାଣକୃଷ୍ଣ ପରିଜା, ଡ.ଆର୍ତ୍ତବଲ୍ଲଭ ମହାନ୍ତି, ନିତ୍ୟାନନ୍ଦ କାନୁନଗୋ ଆଦିଙ୍କ କନ୍ୟାମାନଙ୍କୁ ଘରୋଇ ଭାବେ ସଂଗୀତ ଶିକ୍ଷା ଦେଇ ସେ ବେତନ ବାବଦକୁ ମାସିକ ଦେଢ଼ ଶହ ଟଙ୍କା ପାଉଥିବା ଜଣାଯାଏ। ବାଣୀକଣ୍ଠଙ୍କ ଭଜନ, ଜଣାଣ, ଛାନ୍ଦ, ଚଉପଦୀ, ଚମ୍ପୂ ଆଦି ଓଡ଼ିଶାରେ ବିଶେଷ ଭାବେ ଲୋକପ୍ରିୟ। ଅଗଣିତ ଓଡ଼ିଆଙ୍କୁ ନିଜର କଣ୍ଠ ଦ୍ୱାରା ମନ୍ତ୍ରମୁଗ୍ଧ କରିରଖିଥିବା କଣ୍ଠଶିଳ୍ପୀ ସେ। ଆଠଗଡ଼ ରାଜ ପରିବାରର ଲକ୍ଷ୍ମୀପ୍ରିୟାଙ୍କୁ ସେ ବିବାହ କରିଥିଲେ।

ଅନେକ ହୁଏତ ଜାଣି ନଥିବେ ପୁରୀର ଗଜପତି ମହାରାଜା, ତାଙ୍କୁ ଶ୍ରୀମନ୍ଦିରରେ ଚାମର ସେବା ପ୍ରଦାନ କରିଥିଲେ। ୧୯୭୦ ପରଠାରୁ ସେ ପୁରୀରେ ସ୍ଥାୟୀ ଭାବେ ବାସ କରିବା ସହ ପ୍ରତି ଦିନ ମନ୍ଦିରରେ ଚାମର ସେବା କରିବା ସହ ଜଣାଣ ଗାଉଥିଲେ। ଶ୍ରୀଜଗନ୍ନାଥଙ୍କ ପାଇଁ ସେ ନିଜେ ଲେଖି ନିଜେ ଗାଇଥିଲେ - 'ହେ ଜଗନ୍ନାଥ। ତୁମ ବାହାଡ୍ଡାରେ ମୋତେ ବାହୁଡ଼ାଇ ନିଅ'....। ତାହା ହିଁ ଘଟିଥିଲା। ୨୦ ଜୁଲାଇ ୧୯୮୩ ବାହୁଡ଼ା ଯାତ୍ରା ବେଳେ ତାଙ୍କର ପରଲୋକ ହୋଇଥିଲା। ସେ ସର୍ବଦା କହୁଥିଲେ ଓଡ଼ିଶୀ ଗୀତ, ଛାନ୍ଦ, ଜଣାଣ, ଭଜନ ଆଦିର ପ୍ରସାର ନ ହେଲେ ଆମେ ନିଜର ସଂସ୍କୃତି ହରାଇବସିବା। ୧୯୦୧ ଜୁଲାଇ ଆଜିର ଦିନରେ କେନ୍ଦ୍ରାପଡ଼ାରେ ଜନ୍ମ ହୋଇଥିଲେ ଏହି ମହାନ କଣ୍ଠ ଶିଳ୍ପୀ। ଆଜିର ୟୁଟ୍ୟୁବ ସଙ୍ଗୀତ ଯୁଗରେ ମଧ୍ୟ ଓଡ଼ିଶାର ଏହି ମହାନ ସାଧକଙ୍କ କାଳଜୟୀ ଗୀତ ଗୁଡ଼ିକ ଶୁଣୁଛନ୍ତି ମହିଳାଙ୍କ ଠାରୁ ଧର୍ମାଶ୍ରୀତ, ଯୁବବର୍ଗ ଠାରୁ ଶିକ୍ଷିତ ବର୍ଗ। କୋଟି କୋଟି ଓଡ଼ିଆଙ୍କ ତରଫରୁ ଜୟନ୍ତୀ ଅବସରରେ ଭକ୍ତି ନିବେଦନ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଚହଟା ନଗର, ଲେନ୍-୬, କଟକ-୧୪, ଦୂରଭାଷ : ୭୦୦୮୪୭୮୯୮୬

# ରୌହିଣରୁ 'ରୋହିଣୀ କୁଣ୍ଡ'

**କବୀର କୁମାର ଜେନା**

ଅ ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ରର ଅନ୍ୟତମ ବଡ଼ ଆକର୍ଷଣ ହେଉଛି ପଞ୍ଚତୀର୍ଥ। ତେବେ ବିଶ୍ୱାସ ରହିଛି ହିନ୍ଦୁ ଚେତନାରେ ପଞ୍ଚତୀର୍ଥ ମଧ୍ୟରେ ସବୁଠାରୁ ପୁଣ୍ୟମୟ ଓ ଶ୍ରେଷ୍ଠ ତଥା ପ୍ରାଚୀନ ତୀର୍ଥ ହେଉଛି ରୋହିଣୀ କୁଣ୍ଡ। ଆବହମାନ ସମୟରୁ ବିଶ୍ୱାସ ରହିଛି ପଞ୍ଚତୀର୍ଥ ପରିଭ୍ରମଣ ବେଳେ ଏହି ପବିତ୍ର କୁଣ୍ଡର ଜଳ ସିଞ୍ଚନ କଲେ ଓ ପାଇଲେ ଜଣେ ଏ ଜୀବନ ବନ୍ଧନରୁ ମୁକ୍ତି ପାଇ ଈଶ୍ୱରଙ୍କର ପାଦପଦ୍ମରେ ଲୀନ ହୁଏ। ଏ ସମ୍ପର୍କରେ 'ସ୍କନ୍ଦ ପୁରାଣ'ରେ ଯାହା ଉଲ୍ଲେଖ ରହିଛି ମା'ବିମଳାଙ୍କ ମନ୍ଦିର ସାମ୍ନାରେ ଓ ବଟବୃକ୍ଷ ଠାରୁ ଶହେ ଗଜ ଦୂରରେ ଥିବା ଏହି ରୋହିଣୀ କୁଣ୍ଡ ପ୍ରଳୟକାଳରେ ଏହାର ଜଳି ବଢ଼ି ଏହି ସ୍ଥାନରେ ଲୀନ ହୋଇଯାଏ। ଅନ୍ୟାନ୍ୟ ପୁରାଣରେ ସ୍ୱୟଂ ଲକ୍ଷ୍ମୀ ଯମକୁ ନେଇ କୁଣ୍ଡର ମାହାତ୍ମ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ।

ପଞ୍ଚତୀର୍ଥ ମଧ୍ୟରେ ଶ୍ରେଷ୍ଠ ଓ ପ୍ରାଚୀନ ତୀର୍ଥ ରୋହିଣୀ କୁଣ୍ଡ। ପଞ୍ଚତୀର୍ଥ ଭ୍ରମଣ ବେଳେ ରୋହିଣୀ କୁଣ୍ଡର ପବିତ୍ର ଜଳ ମୁଣ୍ଡରେ ସିଞ୍ଚି ହେଲେ ଜଗତର ବନ୍ଧନରୁ ପ୍ରାଣୀ ମୁକ୍ତି ପାଏ ବୋଲି ବିଶ୍ୱାସ ରହିଛି। ମା'ବିମଳାଙ୍କ ମନ୍ଦିର ସମ୍ମୁଖରେ ଏବଂ ବଟବୃକ୍ଷ ଠାରୁ ୧୦୦ ଗଜ ଦୂରରେ ଥିବା ଏହି ରୋହିଣୀ କୁଣ୍ଡର ମାହାତ୍ମ୍ୟ ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି। ପ୍ରଳୟ କାଳରେ ରୋହିଣୀ କୁଣ୍ଡର ଜଳବୃଦ୍ଧି ପାଇ ଏହି ସ୍ଥାନରେ ଲୀନ ହୋଇଯାଏ। ସେଥିପାଇଁ ଏହାର ଅନ୍ୟ ନାମ ରୌହିଣ। ସ୍ୱୟଂ ଲକ୍ଷ୍ମୀ ଯମଙ୍କୁ ଏହି ତୀର୍ଥ ସମ୍ପର୍କରେ ବୁଝାଇବାକୁ ଯାଇ କହିଛନ୍ତି, ବଟବୃକ୍ଷ ନିକଟରେ ରୋହିଣୀ ନାମକ କୁଣ୍ଡ ଜଳରେ ସଦାସର୍ବଦା ପରିପୂର୍ଣ୍ଣ ହୋଇ ରହିଛି। ଏହାକୁ ସ୍ପର୍ଶ କଲେ ମୁକ୍ତି ମିଳିଥାଏ। ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡର ଦ୍ୱିତୀୟ ଅଧ୍ୟାୟରେ ଜୈମିନି ଋଷିମୁନି ମାନଙ୍କୁ କହିଛନ୍ତି, ସ୍ୱୟଂ ବ୍ରହ୍ମା ନୀଳଗିରିରେ ନୀଳମାଧବଙ୍କୁ ଦର୍ଶନ କରିବା କାଳରେ ଅଦ୍ଭୁତ ଦୃଶ୍ୟ ଦେଖିଥିଲେ। ତୃଷ୍ଣାର୍ତ୍ତ ଏକ କାକ ପକ୍ଷୀ ଉଡି ଆସି ରୋହିଣୀ କୁଣ୍ଡରେ ନିମଜ୍ଜନ ହୋଇ ନୀଳରତ୍ନମଣିଙ୍କୁ ଦର୍ଶନ କରିବା କ୍ଷଣି ମୁକ୍ତି ଲାଭ କଲା। ବୃହତ କାକ ତଥା ଭୂଖଣ୍ଡ କାକ ଜଳ ପିପାସାରେ ଆତୁର ହୋଇ ରୋହିଣୀ କୁଣ୍ଡରେ ବୁଡ଼ି ସେଠାରେ ନୀଳମାଧବଙ୍କୁ ଦର୍ଶନ କରି ବାରମ୍ବାର ଭୂମିରେ ଗଡ଼ିଥିଲା। ତା'ପରେ କାକ ଦେହ ତ୍ୟାଗ କରି ଚତୁର୍ଭୁଜ ବିଗ୍ରହ ଧାରଣ ପୂର୍ବକ ଶଙ୍ଖ,ଚକ୍ର, ଗଦା, ପଦ୍ମ ଧାରଣ କରି ଶାପରୁ ମୁକ୍ତ ହୋଇଥିଲେ। ଆଉ ଏକ କିମ୍ବଦନ୍ତୀ ଅନୁସାରେ ରୋହିଣ ଶବ୍ଦରୁ ରୋହିଣୀ କୁଣ୍ଡର ନାମ ସୃଷ୍ଟି।

ଶାରଳା ମହାଭାରତର ବନ ପର୍ବରେ ଏହି ରୋହିଣୀ କୁଣ୍ଡ ସମ୍ପର୍କରେ ଉଲ୍ଲେଖ ରହିଛି ଯେ ଏହି କଣ୍ଡ ଓ କଳ୍ପବଟ ମଝିରେ ଭଗବାନ ବ୍ରହ୍ମାଙ୍କ ପାଦ ପଦ୍ମ ରହିଛି। ଶ୍ରୀମନ୍ଦିରର ସତ୍ତ୍ୱଲିପି ଅନୁଯାୟୀ ଏହି ରୋହିଣୀ କୁଣ୍ଡ ପ୍ଲଟ ନଂ ୭୮ ଓ ୭୮(କ)ରେ ଅନ୍ତର୍ଭୁକ୍ତ। ପୁରାଣରେ ବର୍ଣ୍ଣିତ କୁଣ୍ଡ ବର୍ତ୍ତମାନ ଆଉ ନାହିଁ। ବର୍ତ୍ତମାନ ଥିବା କୁଣ୍ଡର ଉଚ୍ଚ ଅଢ଼େଇ ଫୁଟ, ଚାରି ଫୁଟ ପ୍ରସ୍ଥ ବିଶିଷ୍ଟ ଏହି କୁଣ୍ଡର ଲମ୍ବ ଦଶଫୁଟ। ମନ୍ଦିର ବେଢ଼ାରେ ଯେଉଁ ଚଟାଣ ରହିଛି ତାହା ଠାରୁ ଏକ ଫୁଟ ଉଚ୍ଚରେ ଏହି କୁଣ୍ଡଟି ତିଆରି। ଶ୍ରୀକ୍ଷେତ୍ର ପରିକ୍ରମା ବେଳେ ଏହି କୁଣ୍ଡ ଜଳ ସିଞ୍ଚନ କରି ଭକ୍ତଜନ ନିଜକୁ କୃତାର୍ଥ ମଣିଥାନ୍ତି।

ଅଣିକଣା, ବରୀ, ଯାଜପୁର, ଦୂରଭାଷ : ୮୯୧୭୩୭୭୯୮୭
E-mail : kabirkjena@gmail.com

# କର୍କଟରେ ବୃହସ୍ପତି

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ବୃହସ୍ପତି ରାଶି ଅଷ୍ଟମେ ବିଳଶୀ, ଭଞ୍ଜ କବି ଅନୁଭବ କରି ଛାନ୍ଦ ଲେଖିଛନ୍ତି, ରାମଙ୍କର ଜନ୍ମ ରାଶି କର୍କଟ, କର୍କଟ ରାଶିରେ ବୃହସ୍ପତି ଗୋଚରଗତି କାଳରେ ରାମ ରାଜା ନହୋଇ ବନକୁ ଯାଇଥିଲେ, (ରାମ ରାଜ ବନୌଗତ) ପ୍ରକୃତରେ ମର୍ମ ଏହା ଯେ ନୁହେଁ, ଭଞ୍ଜେ କହୁଛନ୍ତିଏ ସମୟରେ କେହି ରାଜା ରହିବେ ନାହିଁ, ରାମ ରାଜା ହେବା କଥା ସେ ବନକୁ ଗଲେ, ରାଜା ଥିବା ଦଶରଥଙ୍କ ଦୁଶ୍ଚିନ୍ତାରେ ଅକାଳ ମରଣ ହେଲା, ଭାରତ ରାଜଧାନୀର ବାସିନ୍ଦା ହେଲେ ନାହିଁ ରାଜମକୁଟ ଧାରଣ କଲେ ନାହିଁ, ସିଂହାସନରେ ରାମଙ୍କ କଠଉ ସ୍ଥାପନ ହୋଇ ଶାସନ ଚାଲିଲା, କଠଉମାନେ ପଦାଙ୍କ ଅନୁସରଣରେ ଶାସନ, ପୂର୍ବଶାସନର ଅନୁରୂପ ଶାସନ। ଅତୀତ ଧାରାରେ ଶାସନ, ଅନୁଭବୀ ବର୍ଷୀୟାନଙ୍କ ଅନୁଭବୀଙ୍କ ପରାମର୍ଶରେ ଶାସନ ଚାଲୁଥିଲା। ଦଶରଥ ମହାରାଜାଙ୍କ ଅନେକ ଦଶଜଣ ସଚିବ ଥିଲେ, ତାହାଙ୍କ ମଧ୍ୟରେ ସୁମନ୍ତ ପ୍ରଧାନ ଥିଲେ ଯେ ସବୁ ପରିସ୍ଥିତିରେ ସେ ରାଜାଙ୍କୁ ମନ୍ତ୍ରଣା ଦେଉଥିଲେ, ଯେ କୌଣସି ସ୍ଥଳରେ ଦଶ ଦିଗ ରହିଛି, ଶାସନରେ ବି ଏପରି ଦିଗ ରହିଛି।

ସମୟ ଅନୁସାରେ ଚଳପ୍ରଚଳ ଜୀବନଯାପନ, ପାଇଁ ଉପଦେଷ୍ଟା ଦରକାର ପଡ଼ନ୍ତି, ବର୍ଷିୟାନ ବିଦ୍ୱାନ ବ୍ୟକ୍ତିଙ୍କ ଠାରୁ ପ୍ରାପ୍ତ ମୌଳିକ ବିଦ୍ୟା ଅର୍ଜନ କରିବା ପ୍ରଚଣ୍ଡ ଧୀଶକ୍ତି ଓ ନ୍ୟାୟୀ ବ୍ୟକ୍ତି ହିଁ ସଚିବ ପଣକୁ ଯୋଗ୍ୟ ଖାଲି ସଚିବ ନୁହଁନ୍ତି ଚିକିତ୍ସା, ଶିକ୍ଷା, ନିରାପତ୍ତା, ସ୍ଥାନର ରକ୍ଷା ଆଦି କାର୍ଯ୍ୟରେ ସଚିବ ପଦାସୀନ ହୋଇପାରନ୍ତି। ଭରତ ପୂର୍ବ ଧାରାରେ ଶାସନ ତାଙ୍କ ପିତାଙ୍କ ସଚିବ, କୁଳଗୁରୁଙ୍କ ପରାମର୍ଶ ନେଇ ଶାସନ ଚାଲୁ ରଖିଥିଲେ। ସେହି ବୃହସ୍ପତି କର୍କଟ ରାଶିରେ ଗତି କରୁଥିବାବେଳରୁ ଆରମ୍ଭ ହୋଇଥିଲା। ରାମରାଜା ହେବା ଲୋକ ବନବାସୀ, ଏହି ଲମ୍ବା ସମୟ ମଧ୍ୟରେ ଅଯୋଧାରେ ବର୍ଷା ହାନୀ ଶସ୍ୟହାନୀ ଦୁର୍ଭିକ୍ଷ ଆଦି ଘାଟିଥିଲା। ପରିସ୍ଥିତି ସୁଧାର ହେବାକୁ ବହୁବେଳ ଲାଗିଥିଲା। ଏପରି ସମୟ ଉତ୍କଟ ସମୟ, ଏ ପାଇଁ ପ୍ରକୃତି ଶାନ୍ତ ପାଇଁ କର୍ମକାଣ୍ଡ ବେଦ, ଅନୁଯାୟୀ ଶାନ୍ତିର ଆବଶ୍ୟକ ଅଛି। ଜଣାପଡୁଛି ଶସ୍ୟ ହାନୀ ଲା-ନିନୋପାଇଁ ଘଟିବା ସମ୍ଭାବନା, ମୀନ ରାଶିଙ୍କ ତୃତୀୟ ଦୃଷ୍ଟିରେ ବୃଷ, ସପ୍ତମ ଦୃଷ୍ଟିରେ କନ୍ୟା ଆଉ କୁମ୍ଭ ରାହୁଙ୍କ ସମ୍ମୁଖ ଦୃଷ୍ଟି ଯାହା ଦ୍ୱାଦଶ ଦୃଷ୍ଟିରେ ମକର ରହିଛି, ଏମାନେ ପୃଥ୍ୱୀ ରାଶି, ଭୂମିରେ ନାନା କଷ୍ଟ ଦେଖାଦେବାର କାରଣ ହେଉଛି। ଧର୍ମପ୍ରାଣ ଜନତା ପ୍ରଭୁଙ୍କ ଆରାଧନାରେ ଏବେ ଠାରୁ ଲାଗି ରହନ୍ତୁ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

# ଆଜାନୁବାହୁ ଶ୍ରୀଜଗନ୍ନାଥ ହିଁ ଶ୍ରୀଅଲାରନାଥ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଅଣସରରେ କମ୍ପୁଛନ୍ତି ଶ୍ରୀଜୀଉ। ବିଭିନ୍ନ ଉପଚାର ଚାଲିଛି। ପରେ ନବଯୌବନ ବେଶ ହୋଇ ପତିତପାବନ ଯାତ୍ରା ଅନୁଷ୍ଠିତ ହେବ। ବ୍ରହ୍ମଗିରିର ଅଲାରନାଥ ପାଲଟିଛି ଦ୍ୱିତୀୟ ଶ୍ରୀକ୍ଷେତ୍ର। 'କପିଳ ସିଂହତା'ର ତଥ୍ୟ ଅନୁଯାୟୀ ଏହି ଗ୍ରନ୍ଥର ବୟାଳିଶ ଅଧ୍ୟାୟ ବିଶିଷ୍ଟ ତତ୍ତ୍ୱରେ ୨୭ଟି ଅଧ୍ୟାୟରେ ଶ୍ରୀନୀଳମାଧବଙ୍କ ମହାତ୍ମ୍ୟ ସ୍ଥାନ ପାଇଛି। ଏଥିରେ ଦେବର୍ଷି ନାରଦ ଶ୍ରୀ ମହାଦେବଙ୍କ ଏକ ପୁରୁଣା କଥାକୁ ଭକ୍ତିପୂର୍ଣ୍ଣ ଭାବେ ବର୍ଣ୍ଣନା କରି କହିଛନ୍ତି ଭଗବାନ ଶ୍ରୀମାଧି ଅନ୍ତର୍ଦ୍ଧାନ ହୋଇ ନୀଳାଚଳ ବା ନୀଳଶୈଳ କ୍ଷେତ୍ରରୁ ପଶ୍ଚିମପଟ ଦିଗକୁ ଚାରି କୋଷ ଦୂରରେ ଏକ ପ୍ରକାର ଗୋପନୀ ହୋଇଯାଇଥିଲେ। ଶ୍ରୀ ମାଧବ ଏଠାରେ ଗୋପନୀୟ ଭାବେ 'ଅଲାଭ୍ୟ' ନାମକ ଜଣେ ନୈଷ୍ଠିକ ବ୍ରାହ୍ମଣ ଘରେ ନିତ୍ୟ ଆରାଧ୍ୟ ଭାବେ ପୂଜିତ ହେଉଥିଲେ। ସ୍ୱୟଂ ସେହି ମାଧବ ଥିଲେ ଚର୍ତୁଭୂଜ। ତାଙ୍କର ଚାରୋଟି ହାତରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଅପୂର୍ବଭାବେ ଶୋଭା ପାଉଥିଲା। ସବୁଠାରୁ କୌତୁହଳପୂର୍ଣ୍ଣ କଥାଟି ହେଉଛି ସେହି ଆରାଧ୍ୟ ମାଧବ କ୍ଷୀରି ଖାଇବାକ ଭଲ ପାଆନ୍ତି।

ବ୍ରାହ୍ମଣ ଅଲାଭ୍ୟ ନିଜ କାମଦାମ ଛାଡ଼ି ଏକାକାର ଭାବେ ଠାକୁରଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ। ଥରେ ତାଙ୍କୁ ଜ୍ୱର ହୋଇଥିବାରୁ ପୂଜା ବାଧା ହେବା ନିମିତ୍ତ ପାଞ୍ଚବର୍ଷର ପୁଅକୁ ପଠାଇଥିଲେ ଶ୍ରୀମାଧବଙ୍କୁ କ୍ଷୀରି ଖୋଇବା ପାଇଁ। ଶ୍ରୀମାଧବ କୁନି ପିଲାଟିର ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ନିଜ ରୂପ ପ୍ରକାଶ କରି କ୍ଷୀରି ଗ୍ରହଣ କରିଥିଲେ। ଘରକୁ ଫେରି ଅଲାଭ୍ୟ ଓ ତାଙ୍କ ସହଧର୍ମିଣୀ ଠାକୁରଙ୍କ ଅର୍ପିତ ଭୋଗ ମାଗିବାରୁ ସେ ସବୁ କ୍ଷୀରିକୁ ମାଧବଙ୍କୁ ଖୋଇ ଦେଇଛନ୍ତି ବୋଲି କହିଲେ। ସଙ୍କଟରେ ପଡ଼ି ଦ୍ୱିଧା ଗ୍ରସ୍ତ ମନ ନେଇ ଦେଖିଲା ବେଳକୁ ସେ ପ୍ରସ୍ତୁତ କରିଥିବା ବଡ଼ ହାଣ୍ଡିରେ ମଧ୍ୟ ଟିକିଏ ବୁନ୍ଦା କ୍ଷୀରି ନାହିଁ। ପରଦିନ ପୁନର୍ବାର ପୁଅ ହାତରେ କ୍ଷୀରି ପଠାଇ ପରୀକ୍ଷାମୂଳକ ଭାବନେଇ କବାଟ କଡ଼ରେ ଲୁଚି ଦେଖିଲେ ଯେ ସ୍ୱୟଂ ଶ୍ରୀମାଧବ ପ୍ରକଟିତ ହୋଇ କ୍ଷୀରି ଗ୍ରହଣ କରୁଛନ୍ତି।

ନୀଳ କନ୍ଦରରେ ବ୍ରହ୍ମାଦି ଦେବଗଣ ତାଙ୍କୁ ପୂଜା କରୁଥିବା ସମ୍ବନ୍ଧରେ ପୁରାଣରେ ଉଲ୍ଲେଖ ଅଛି। ଅଲାଭ୍ୟଙ୍କ ପ୍ରାର୍ଥନା ଶୁଣି ଶ୍ରୀମାଧବ କହିଲେ ଯେ ନୀଳାଚଳ ରତ୍ନଗିରି ଛାଡ଼ି ତୁମ ପାଖକୁ ଆସିଥିବା ଖବରକୁ ଗୋପ୍ୟ ରଖିବ। ପରବର୍ତ୍ତୀ ସମୟରେ ଦାରୁ ରୂପ ଧାରଣ କରି ନୀଳ ପର୍ବତରେ ବିଜେ କରିବି। 'କପିଳା ସିଂହିତା'ରେ ଉଲ୍ଲେଖ ହୋଇଥିବା ତଥ୍ୟ ଅନୁଯାୟୀ ମହାପ୍ରଭୁଙ୍କ ଆର୍ବିଭାବ ପୂର୍ବରୁ ଶ୍ରୀମାଧବ ଶ୍ରୀମନ୍ଦିରର ପଶ୍ଚିମରେ ଥିବା ବ୍ରହ୍ମଗିରିରେ ରହିଛନ୍ତି। ଅଲାଭ୍ୟ ନାମକ ବ୍ରାହ୍ମଣଙ୍କ ଗୃହରେ ଗୋପ୍ୟରେ ପୂଜିତ ହେଉଥିବାରୁ ପରେ ତାଙ୍କୁ 'ଅଲାଭ୍ୟଙ୍କ ନାଥ' ବା 'ଅଲାରନାଥ' ଭାବେ ସମସ୍ତେ ଜାଣିଲେ। ଅନ୍ୟ କେତେକର ତଥ୍ୟ ଅନୁଯାୟୀ ଦାକ୍ଷିଣାତ୍ୟର ଆଲୁଆର ତାଙ୍କୁ ପ୍ରତିଷ୍ଠା କରିଥିଲେ। ଏବଂ ସେ ହିଁ ତାଙ୍କର ପ୍ରତିଷ୍ଠାତା। ତେବେ ଏ ସମ୍ପର୍କରେ ଉପଲବ୍ଧ ତଥ୍ୟ ଅନୁଯାୟୀ ପ୍ରାଚୀନ କାଳରେ ଯେହେତୁ ପୁରୀରୁ ଦକ୍ଷିଣ ଭାରତକୁ ଯିବା ଆସିବା ରାସ୍ତା ବ୍ରହ୍ମଗିରି ଓ ଚିଲିକା ଦେଇଥିଲା ତେଣୁ ଶ୍ରୀରାମନାମାନୁଜଚାର୍ଯ୍ୟ ହୁଅନ୍ତୁ ବା ଭକ୍ତ ଶ୍ରୀଚୈତନ୍ୟ କିମ୍ବା ଆଲୁଆରମାନେ ସେହି ମାର୍ଗ ଦେଇ ସେମାନଙ୍କର ଯିବା ଆସିବା ହେଉଥିଲା।

ଶ୍ରୀଚୈତନ୍ୟ ପୁରୀରୁ ଦାକ୍ଷିଣାତ୍ୟ ଯିବା ସମୟରେ ସେହି ବାଟ ଦେଇ ଅଲାର ନାଥଙ୍କୁ ଦର୍ଶନ କରିବାର କୃପା ପାଇଥିଲେ। ପୁନର୍ବାର ଫେରିବା ବେଳକୁ ତାଙ୍କୁ ଦର୍ଶନକରି ଶ୍ରୀକ୍ଷେତ୍ର ମୁହାଁ ହୋଇଥିଲେ। ଆଲୁଆର ସମ୍ପ୍ରଦାୟ ମାନେ ଶ୍ରୀଅଲାର ନାଥଙ୍କୁ ଆଜାନୁବାହୁ, ଶ୍ରୀଅଲାରନାଥଙ୍କୁ ଶ୍ରୀଜଗନ୍ନାଥଙ୍କ ପୂର୍ବବର୍ତ୍ତୀ ଆଦିନାଥ ଭାବେ ଗ୍ରହଣ କରିଥାନ୍ତି। ଏହି ଦୃଷ୍ଟିରୁ ଦେଖିଲେ 'କପିଳ ସଂହିତା' ଅନୁଯାୟୀ ଶ୍ରୀ ଅଲାରନାଥ ହେଉଛନ୍ତି ଆଦିନାଥ, ଇନ୍ଦ୍ରନୀଳମଣି ଶ୍ରୀମାଧବ ଓ ସେ ହିଁ 'ଆଜାନୁବାହୁ ଶ୍ରୀଜଗନ୍ନାଥ'। ଦୁଇ ବାହୁଟେକି ଆମ ମାନଙ୍କୁ କୋଳେଇ ମୁକ୍ତିର ରାସ୍ତା ଦେଖାଇ ସବୁଦିନ ପାଇଁ ଆମ ମାନଙ୍କ ପାଇଁ ସେ ବଡ଼ ଆକର୍ଷଣ। ଅଣସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ନପାଇ ଆଜାନୁବାହୁ ଶ୍ରୀ ଅଲରାନାଥଙ୍କୁ ଦର୍ଶନ କରିବା ଦ୍ୱାରା ମଣିଷ ଜନ୍ମ ଧନ୍ୟ ହୋଇଥାଏ।

ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭



# ଇରାନ ସହ ଅସ୍ତ୍ରବିରତି ସମାପ୍ତ କଲେ ଟ୍ରମ୍ପ

**ନୂଆଦିଲ୍ଲୀ,୮ ।୭(ଏଜେନ୍ସି):**ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର କହିଛନ୍ତି ଯେ ଇରାନସହିତ ମଧ୍ୟବର୍ତ୍ତୀକାଳୀନ ଚୁକ୍ତିନାମା ଶେଷ ହୋଇଛି, କିନ୍ତୁ ସେ ଆଲୋଚନା ଜାରି ରଖିବେ। ଅସ୍ତ୍ରବିରତିର ସ୍ଥିତି ବିଷୟରେ ପଚରାଯିବାରୁ, ଟ୍ରମ୍ପ ଉତ୍ତର ଦେଇଥିଲେ, ମୋ ଦୃଷ୍ଟିକୋଣରୁ, ଏହା ଶେଷ ହୋଇଛ। ସେମାନଙ୍କ ସହିତ ଆଲୋଚନା କରିବା କେବଳ ସମୟର ଅପଚୟ । ତୁର୍କିର ଅଙ୍କାରାରେ ଅନୁଷ୍ଠିତ ଦୁଇ ଦିନିଆ ନାଟୋ ସମ୍ମିଳନୀ ଏବଂ ହର୍ମୁଜ୍ ପ୍ରଣାଳୀରେ ଟ୍ୟାଙ୍କର୍ ଉପରେ ଆକ୍ରମଣର ପ୍ରତିଶୋଧ ପାଇଁ ଆମେରିକା ପକ୍ଷରୁ ଇରାନ ଉପରେ କରାଯାଇଥିବା ଆକ୍ରମଣର କିଛି ଘଣ୍ଟା ପରେ ଟ୍ରମ୍ପ ଏହି ମନ୍ତବ୍ୟ ଦେଇଛନ୍ତି।ଟ୍ରମ୍ପ କହିଛନ୍ତି ଯେ, ଆମେରିକୀୟ ପ୍ରତିନିଧିମାନେ ଆଲୋଚନା ଜାରି ରଖିପାରିବେ କିନ୍ତୁ ସେ ଫଳାଫଳ ଉପରେ ସନ୍ଦେହ କରୁଛନ୍ତି । ସେ କହିଛନ୍ତି, ସେମାନେ କଥାବାର୍ତ୍ତା କରିପାରିବେ, କିନ୍ତୁ ମୁଁ ଭାବୁଛି ସେମାନେ ସେମାନଙ୍କର ସମୟ ନଷ୍ଟ କରୁଛନ୍ତି । ସେମାନେ ଅସୁସ୍ଥ ମାନସିକତା ଥିବା ଲୋକ ବୋଲି ଟ୍ରମ୍ପ କହିଛନ୍ତି ।

# ନିଜ୍ଜର ହତ୍ୟା ମାମଲାରେ ଭାରତର କୌଣସି ଭୂମିକା ନାହିଁ

**ନୂଆଦିଲ୍ଲୀ,୮ ।୭(ଏଜେନ୍ସି):**କାନାଡାରେ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜରଙ୍କ ହତ୍ୟାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଏକ ନୂତନ ମୋଡ଼ରେ ପହଞ୍ଚିଛି । ରୟାଲ୍ କାନାଡିଆନ୍ ମାଉଣ୍ଟେଡ୍ ପୁଲିସ(ଆରସିଏମପି)ସ୍ପଷ୍ଟ ଭାବରେ କହିଛି ଯେ, ଚାଲିଥିବା ତଦନ୍ତରେ ଭାରତ ସରକାର କିମ୍ବା ଏହାର କୌଣସି ଅଧିକାରୀଙ୍କ ସମ୍ପୃକ୍ତି ପ୍ରମାଣିତ କରୁଥିବା କିଛି ପ୍ରମାଣ ମିଳିନାହିଁ । ଏହି ବିବୃତି ଗୁରୁତ୍ୱପୂର୍ଣ୍ଣ କାରଣ ପୂର୍ବତନ ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ୨୦୧୩ରେ ସଂସଦରେ ଭାରତ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଥିଲେ। ଯାହା ଫଳରେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଫାଟ ଦେଖାଦେଇଥିଲା । ତେବେ କାନାଡା ତଦନ୍ତକାରୀ ସଂସ୍ଥାର ମତ ଏବେ ସେହି ମନ୍ତବ୍ୟ ଉପରେ ସନ୍ଦେହ ସୃଷ୍ଟି କରୁଛି । ଏହି ସମୟରେ, ଆମେରିକାରେ ଦାଖଲ ହୋଇଥିବା ଏକ ନୂତନ ସଂଘୀୟ ଅଭିଯୋଗ ମାମଲାରେ ଏକ ନୂତନ ମୋଡ଼ ଆସିଛି । ଏହା ଭାରତ ସରକାରଙ୍କୁ ନୁହେଁ ବରଂ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଏବଂ ଗୋଲ୍ଡି ବ୍ରାରଙ୍କ ନେଟୱାର୍କକୁ ଜଡିତ କରୁଛ ।କାନାଡିୟ ପୁଲିସର ବିବୃତିକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି କାରଣ ଏହା ପୂର୍ବରୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ସାଧାରଣରେ ଭାରତୀୟ ଏଜେଣ୍ଟଙ୍କ ଉପରେ ସନ୍ଦେହ ପ୍ରକାଶ କରିଥିଲେ । ଏହା ସମଗ୍ର ମାମଲାର ଦିଗ ବିଷୟରେ ନୂତନ ବିତର୍କ ଆରମ୍ଭ କରିଛି । ପୁଲିସ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ତଦନ୍ତ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସମାପ୍ତ ହୋଇନାହିଁ। ଅଧିକାରୀମାନେ କହିଛନ୍ତି ଯେ ବିଭିନ୍ନ ଡିଜିଟାଲ ପ୍ରମାଣର ଫୋରେନସିକ୍ ବିଶ୍ଳେଷଣ ଚାଲିଛି ଏବଂ ମାମଲାକୁ ବିଭିନ୍ନ ଦୃଷ୍ଟିକୋଣରୁ ଯାଞ୍ଚ କରାଯାଉଛି । ତେଣୁ, ଏକ ଚୂଡ଼ାନ୍ତ ନିଷ୍କର୍ଷରେ ପହଞ୍ଚିବା ପର୍ଯ୍ୟନ୍ତ ତଦନ୍ତ ଜାରି ରହିବ । ପୁଲିସ କହିଛି ଯେ ଉପଲବ୍ଧ ପ୍ରମାଣ ଆଧାରରେ ପରବର୍ତ୍ତୀ



କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପୁଲିସ ଅନୁଯାୟୀ, ତଦନ୍ତକାରୀ ଏଜେନ୍ସିଗୁଡ଼ିକ ଏପର୍ଯ୍ୟନ୍ତ ୫୦ ରୁ ଅଧିକ ସର୍ଚ୍ଚ ୱାରେଣ୍ଟ ପ୍ରଦାନ କରିଛନ୍ତି। ବହୁ ସଂଖ୍ୟକ ମୋବାଇଲ୍ ଫୋନ୍, କମ୍ପ୍ୟୁଟର ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ଉପକରଣ ଯାଞ୍ଚ କରାଯାଉଛି। କର୍ତ୍ତୃପକ୍ଷ କହିଛନ୍ତି ଯେ ସଂଗଠିତ ଅପରାଧ ନେଟୱାର୍କର ସମ୍ପୂର୍ଣ୍ଣ ଚିତ୍ର ଉନ୍ମୋଚନ କରିବା ପାଇଁ ବୈଷୟିକ ଏବଂ ଫୋରେନସିକ୍ ବିଶ୍ଳେଷଣ ଚାଲିଛି । ତେବେ ଆମେରିକୀୟ ଏଜେନ୍ସିଗୁଡ଼ିକ 'ଭାରତ-ଭିତ୍ତିକ ସଂଗଠିତ ଅପରାଧ ଗୋଷ୍ଠୀ'ସହିତ ସମ୍ପର୍କ ରଖିଥିବା ଅଭିଯୋଗରେ ୨୪ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଛନ୍ତି । ଆମେରିକାର ଏକ ଫେଡେରାଲ୍ ଅଭିଯୋଗ ଅନୁଯାୟୀ, ଲରେନ୍ସ ବିଷ୍ଣୋଇ ଏବଂ ଗୋଲ୍ଡି ବ୍ରାର ୨୦୨୩ ମସିହାରେ କାନାଡାରେ ଜଣେ ଶିଖ୍ ବ୍ୟକ୍ତିଙ୍କ ହତ୍ୟାକାଣ୍ଡର ନିର୍ଦ୍ଦେଶ ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗପତ୍ରରେ ପୀଡିତଙ୍କ ନାମ ସିଧାସଳଖ ଲେଖାଯାଇ ନାହିଁ, କିନ୍ତୁ କେବଳ ତାଙ୍କର ଆଦ୍ୟ ଅକ୍ଷର ଏଚଏସଏନ ଦ୍ୱାରା ତାଙ୍କୁ ଚିହ୍ନଟ କରାଯାଇଛି, ଯାହା ହରଦୀପ ସିଂହ ନିଜ୍ଜରଙ୍କ ନାମ ସହିତ ମେଳ ଖାଉଛି । ଆମେରିକୀୟ ପବ୍ଲିକ ପ୍ରସିକ୍ୟୁଟରମାନେ ଅଭିଯୋଗ କରିଛନ୍ତି ଯେ, ବିଷ୍ଣୋଇ ଗ୍ୟାଙ୍ଗ୍ ଏହି ହତ୍ୟାକାଣ୍ଡ ସହିତ, ଅନେକ ଅନ୍ୟ ହାଇ-ପ୍ରୋଫାଇଲ୍ ଅପରାଧକୁ ଶିଖ୍ ଏବଂ ଭାରତୀୟ ସମ୍ପ୍ରଦାୟ ମଧ୍ୟରେ ଭୟ ସୃଷ୍ଟି କରିବା ଏବଂ ବଟି ଆଦାୟ ଏବଂ ଅପରାଧିକ ନେଟୱାର୍କକୁ ମଜବୁତ କରିବା ପାଇଁ ବ୍ୟବହାର କରିଥିଲା । କାନାଡା ଏବେ ଭାରତ ସରକାରଙ୍କ ବିରୋଧରେ ପ୍ରମାଣ ନଥିବା ସ୍ୱୀକାର କରୁଛି । ମାତ୍ର ଆମେରିକାର ତଦନ୍ତ ଭାରତ ବିରୋଧି ଆଭିମୁଖ୍ୟ ଗ୍ରହଣ କରି ସଂଗଠିତ ଅପରାଧ ଏବଂ ଗ୍ୟାଙ୍ଗଷ୍ଟର ନେଟୱାର୍କ ଆଡକୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛି।

# ନାଟୋ ସମ୍ମିଳନୀରେ ଟ୍ରମ୍ପଙ୍କୁ କଡ଼ା ଜବାବ ଦେଲେ ଡେନମାର୍କ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୮ ।୭(ଏଜେନ୍ସି):**ତୁର୍କିର ଆଙ୍କାରାରେ ଆୟୋଜିତ ନାଟୋ ଶିଖର ସମ୍ମିଳନୀରେ ଡେନମାର୍କର ପ୍ରଧାନମନ୍ତ୍ରୀ ମେଟ୍ ଫ୍ରେଡେରିକ୍ସେନ ବୁଧବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଆମେରିକାକୁ ନାଟୋ ସହଯୋଗୀ ଡେନମାର୍କଠାରୁ ଗ୍ରିନଲାଣ୍ଡର ନିୟନ୍ତ୍ରଣ ନେବା ଉଚିତ ବୋଲି ଦୋହରାଯାଇଥିବା ଦାବିର କଡ଼ା ଜବାବ ଦେଇଛନ୍ତି। ଫ୍ରେଡେରିକ୍ସେନ ଦାବିକୁ ଖଣ୍ଡନ କରି ଟ୍ରମ୍ପଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ, ଗ୍ରିନଲାଣ୍ଡ ବିକ୍ରି ପାଇଁ ନୁହେଁ। ସେ କହିଛନ୍ତି, ଆମେ ଆଶା କରୁଛୁ ଯେ ସମସ୍ତ ସହଯୋଗୀ ରାଷ୍ଟ୍ର ସମେତ ସମସ୍ତେ ଗ୍ରୀନଲ୍ୟାଣ୍ଡ ଲୋକଙ୍କ ଆତ୍ମନିର୍ଣ୍ଣୟର ଅଧିକାରକୁ ସମ୍ମାନ ଦେବେ । ଆମେ ସାର୍ବଭୌମ ରାଷ୍ଟ୍ର ଏବଂ ଆମକୁ ସମସ୍ତେ ଆମର କ୍ଷେତ୍ରୀୟ ଅଖଣ୍ଡତା ଏବଂ ଆମର ସାର୍ବଭୌମତ୍ୱକୁ ସମ୍ମାନ ଦେବା ଆବଶ୍ୟକ । ଫ୍ରେଡେରିକ୍ସେନ କହିଛନ୍ତି ଯେ ଆକ୍ରମଣ ହେଲେ ଡେନମାର୍କ ଆମର ନିଜସ୍ୱ ଅଞ୍ଚଳ ସମେତ ନାଟୋର ପ୍ରତ୍ୟେକ ଇଞ୍ଚକୁ ରକ୍ଷା କରିବାକୁ ପ୍ରସ୍ତୁତ । ପରସ୍ପରକୁ ରକ୍ଷା କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ସମ୍ମାନ ଦେବା ପାଇଁ ଡେନମାର୍କ ନାଟୋ ସହଯୋଗୀଙ୍କ ଉପରେ ନିର୍ଭର କରିବ ।

# ପାକିସ୍ତାନୀ କାର୍ଗୋ ବିମାନ ନିଖୋଜ, ୟୁଏଇରୁ ଫେରିବା ବେଳେ କଟିଲା କନେକ୍ସନ୍

**ନୂଆଦିଲ୍ଲୀ,୮ ।୭(ଏଜେନ୍ସି):**ପାକିସ୍ତାନୀ କାର୍ଗୋ ବିମାନ ନିଖୋଜ । ମଙ୍ଗଳବାର ରାତିରେ ୟୁଏଇରୁ କରାଚି ଆସିବା ବେଳେ ଆରବ ସାଗର ଉପରେ କଟିଲା କନେକ୍ସନ୍ ।ଏଥିରେ ୫ ଜଣ କ୍ରୁ ମେମ୍ବର ଥିବା ସୂଚନା ମିଳିଛି।୧୪ ଘଣ୍ଟା ପରେ ପାକ୍ ନୌସେନା ଓ ବାୟୁସେନା ପକ୍ଷରୁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଛି । ଏପର୍ଯ୍ୟନ୍ତ ବିମାନ ନିଖୋଜ ହେବା କିମ୍ବା କ୍ରୁ ସଦସ୍ୟଙ୍କ ବିଷୟରେ କୌଣସି ସୂଚନା ମିଳିନାହିଁ । ପାକିସ୍ତାନର ଜଣେ ବିମାନବନ୍ଦର ଅଧିକାରୀ କହିଛନ୍ତି ଯେ, ବୋଇଙ୍ଗ-୭୩୭ କାର୍ଗୋ ବିମାନ ୟୁଏଇରୁ କରାଚି ଫେରୁଥିଲା । କରାଚି ଠାରୁ ୩୦୦ କିମି ଦୂର ଏୟାର ଟ୍ରାଫିକ କଣ୍ଟ୍ରୋଲ ସହ ତାର ଯୋଗାଯୋଗ ବିଚ୍ଛିନ୍ନ ହୋଇଗଲା । ଉଡାଣ ସମୟରେ ବିମାନର ନାଭିଗେସନ ସିଷ୍ଟମରେ ତ୍ରୁଟି ଥିବା ସୂଚନା ଦିଆଯାଇଥିଲା । ଏହାପରେ ତୀବ୍ର ଗତିରେ ବିମାନଟି ତଳକୁ ତଳକୁ ଖସିଥିଲା । ଏୟାର ଟ୍ରାଫିକ୍ କଣ୍ଟ୍ରୋଲର୍ସ ବିମାନକୁ ଗାଇଡ୍ କରିବାକୁ ଚେଷ୍ଟା କରିଥିଲେ । ହେଲେ ଏଥିରେ ସଫଳ ହୋଇପାରି ନଥିଲେ । ତିନି ମିନିଟ୍ ପରେ ରାଡାର ସିଷ୍ଟମରୁ ବିମାନଟି ତୀବ୍ର ଗତିରେ ତଳକୁ ଖସିବା ଯୋଗୁଁ କନେକ୍ସନ ଛିନ୍ନ ହୋଇଥିଲା । ସେହି ସମୟରେ ବିମାନଟି କରାଚି ଠାରୁ ୨୮୭ କିମି ଦୂର ପଶ୍ଚିମରେ ଥିଲା। ନିଖୋଜ ବିମାନକୁ ଖୋଜିବାକୁ ପାକିସ୍ତାନ ନୌସେନା ଏବଂ ବାୟୁସେନାର ମିଳିତ ପ୍ରୟାସରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଛି । ପାକିସ୍ତାନର ଯୁଦ୍ଧଜାହାଜ PNS ଜୁଲଫିକରକୁ ଉଦ୍ଧାର କାର୍ଯ୍ୟ ପାଇଁ ପଠାଯାଇଛି। ବାୟୁସେନାର ସାବ ନିରୀକ୍ଷଣ ବିମାନ ମଧ୍ୟ ନିୟୋଜିତ କରାଯାଇଛି । ନିଖୋଜ ବିମାନଟି ହେଉଛି ଏକ ୨୭ ବର୍ଷ ପୁରୁଣା ବୋଇଂ ୭୩୭ । ଯାହା ପାକିସ୍ତାନୀ କାର୍ଗୋ କମ୍ପାନୀ ଦ୍ୱାରା ପରିଚାଳିତ । ଫ୍ଲାଇଟ୍ ଟ୍ରାକିଂ ତଥ୍ୟ ଅନୁସାରେ, ବିମାନଟି ନିଖୋଜ ହେବା ସମୟରେ ଘଣ୍ଟା ପ୍ରତି ୭୯୦ କିଲୋମିଟର ବେଗରେ ୩୫,୦୦୦ ଫୁଟ ଉପରେ ଉଡୁଥିଲା ।

# କଂଗ୍ରେସ ଉପରେ ବର୍ଷିଲେ ପ୍ରିୟଙ୍କା ଚତୁର୍ବେଦୀ

**ନୂଆଦିଲ୍ଲୀ,୮ ।୭(ଏଜେନ୍ସି):**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତିନି ଦିନିଆ ଇଣ୍ଡୋନେସିଆ ଗସ୍ତକୁ ନେଇ ରାଜନୀତି ସରଗରମ ହୋଇଛି । ଇଣ୍ଡୋନେସିଆ ସଂସଦର ହାଉସ୍ ଅଫ୍ ରିପ୍ରେଜେଣ୍ଟେଟି ସ୍ପିକର 'ପୁଆନ୍ ମହାରାଣୀ'ଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଏକ ଫଟୋକୁ ନେଇ କଂଗ୍ରେସ ପକ୍ଷରୁ କରାଯାଇଥିବା ଏକ ସୋସିଆଲ ମିଡିଆପୋଷ୍ଟକୁ ନେଇ ବିବାଦ ସୃଷ୍ଟି ହୋଇଛି । କଂଗ୍ରେସର ଏହି ଆଭିମୁଖ୍ୟକୁ ନେଇ ଦଳର ମେଣ୍ଟ ସହଯୋଗୀ ଶିବସେନା ନେତ୍ରୀ ପ୍ରିୟଙ୍କା ଚତୁର୍ବେଦୀ କଡ଼ା ସମାଲୋଚନା କରିଛନ୍ତି। ମହାରାଷ୍ଟ୍ର କଂଗ୍ରେସର ଅଫିସିଆଲ୍ ଏକ୍ସ ହ୍ୟାଣ୍ଡେଲରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଇଣ୍ଡୋନେସିଆର ସ୍ପିକର ପୁଆନ୍ ମହାରାଣୀଙ୍କର ଏକ ଫଟୋ ପୋଷ୍ଟ କରାଯାଇଛି । ଇଣ୍ଡୋନେସିଆ ସଂସଦ ଭବନର ଏହି ଫଟୋର ଗୋଟିଏ ପାର୍ଶ୍ୱରେ ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋଭୋ ସୁବିଆନ୍ତୋ ଏବଂ ଉପରାଷ୍ଟ୍ରପତି ଜିବ୍ରାନ୍ ରାକାବୁମିଙ୍ଗ୍ ରାକା ମଧ୍ୟ ବସିଥିଲେ । ମାତ୍ର କଂଗ୍ରେସ ପକ୍ଷରୁ ସେୟାର କରାଯାଇଥିବା କ୍ରପ୍ଟ ଫଟୋରେ କେବଳ ପୁଆନ୍ ମହାରାଣୀ ଏବଂ ପିଏମ ମୋଦୀ ଦୃଶ୍ୟମାନ ହେଉଛନ୍ତି । ଏହି ଫଟୋର କ୍ୟାପସନରେ କଂଗ୍ରେସ 'କଣ୍ଟ୍ରୋଲ୍ ଉଦୟ କଣ୍ଟ୍ରୋଲ୍' ବୋଲି ଲେଖି ଏକ କଟାକ୍ଷ କରିଛି, ଯାହାକୁ ନେଇ ପ୍ରିୟଙ୍କା ଚତୁର୍ବେଦୀ କ୍ଷୋଭ ପ୍ରକାଶ କରିବା ସହ ଏଭଳି ମନ୍ତବ୍ୟ ଦେଶର ସର୍ବପୁରାତନ ଦଳକୁ ଶୋଭା ପାଏନାହିଁ ବୋଲି କହିଛନ୍ତି । ମଙ୍ଗଳବାର ପ୍ରଧାନମନ୍ତ୍ରୀ ମୋଦୀ ଜାକାର୍ତ୍ତାସ୍ଥିତ ଇଣ୍ଡୋନେସିଆ ସଂସଦରେ ପହଞ୍ଚିଥିଲେ । ସଂସଦରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପ୍ରବୋଭୋ ସୁବିଆନ୍ତୋ,



ଉପରାଷ୍ଟ୍ରପତି ଜିବ୍ରାନ୍ ରାକାବୁମିଙ୍ଗ୍, ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ ସ୍ପିକର ପୁଆନ୍ ମହାରାଣୀ ଏବଂ ପିପୁଲ୍ସ କନସଲଟେଟିଭ୍ ଆସେମ୍ବଲିର ସ୍ପିକର ଅହମ୍ମଦ ମୁଜାନୀଙ୍କ ସହ ପ୍ରଧାନମନ୍ତ୍ରୀ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀଙ୍କୁ ସଂସଦ ପରିସରରେ ସ୍ୱାଗତ କରିବା ଅବସରରେ ସ୍ପିକର ପୁଆନ୍ ମହାରାଣୀ ଭାରତ ଓ ଇଣ୍ଡୋନେସିଆର ଐତିହାସିକ ସମ୍ପର୍କକୁ ମନେ ପକାଇଥିଲେ । ସେ କହିଛନ୍ତି, ଇଣ୍ଡୋନେସିଆ ଏବଂ ଭାରତ ମଧ୍ୟରେ ଅତି ପୁରାତନ ଏବଂ ବିଶେଷ ସାଂସ୍କୃତିକ ତଥା ଐତିହାସିକ ସମ୍ପର୍କ ରହିଛି । ଦୁଇ ଦେଶର କୂଟନୈତିକ ସମ୍ପର୍କର ଗଭୀରତାକୁ ଏଥିରୁ ଅନୁମାନ କରାଯାଇପାରେ ଯେ, ମୋ ଜେଜେବାପା ତଥା ଇଣ୍ଡୋନେସିଆର ପୂର୍ବତନ ରାଷ୍ଟ୍ରପତି ସୁକର୍ଣ୍ଣୋ ୧୯୫୦ ମସିହାରେ ଭାରତର ପ୍ରଥମ ଗଣତନ୍ତ୍ର ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଶିବସେନା ଦଳର ପୂର୍ବତନ ସାଂସଦ ପ୍ରିୟଙ୍କା ଚତୁର୍ବେଦୀଙ୍କ ଏହି ପ୍ରତିକ୍ରିୟା ଏପରି ଏକ ସମୟରେ ଆସିଛି, ଯେତେବେଳେ ମହାରାଷ୍ଟ୍ରରେ ଏମଭିଏ ଏବଂ ଜାତୀୟ ସ୍ତରରେ ଇଣ୍ଡି ମେଣ୍ଟ ମଧ୍ୟରେ ସବୁକିଛି ଠିକ୍ ଚାଲିନଥିବା ଚର୍ଚ୍ଚା ହେଉଛି । ମେଣ୍ଟ ସହଯୋଗୀ ହୋଇ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ବୈଦେଶିକ ଗସ୍ତ ସମୟରେ କଂଗ୍ରେସର ଏଭଳି ପୋଷ୍ଟକୁ ପ୍ରିୟଙ୍କା ସର୍ବସାଧାରଣରେ ବିରୋଧ କରିବା ରାଜନୈତିକ ମହଲରେ ଏକ ନୂଆ ବିତର୍କ ସୃଷ୍ଟି କରିଛି ।

# ଆବର୍ଜନା ପାହାଡ଼ ତଳେ ଚାପି ହେଲା ବିଲ୍ଡିଂ: ୧୬ ଫସିଲେ

**ନୂଆଦିଲ୍ଲୀ,୮ ।୭(ଏଜେନ୍ସି):**ମହାରାଷ୍ଟ୍ର ପୁଣେର ପିମ୍ପ୍ରି ଚିଞ୍ଚୱାଡ୍ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି । ପ୍ରବଳ ବର୍ଷା ଯୋଗୁଁ ସେଠାରେ ଥିବା ବର୍ଜ୍ୟବସ୍ତୁର ଏକ ବିରାଟ ପାହାଡ଼(ଡମ୍ପିଂ ୟାର୍ଡ) ହଠାତ୍ ଭୁଶୁଡ଼ି ପଡ଼ିଛି । ଏହି ବର୍ଜ୍ୟବସ୍ତୁ ଗଦା ପାର୍ଶ୍ୱବର୍ତ୍ତୀ ଏକ ତିନି ମହଲା କୋଠା ଉପରେ ଅଜାଡ଼ି ହୋଇପଡ଼ିବାରୁ ସମ୍ପୂର୍ଣ୍ଣ ବିଲ୍ଡିଂଟି ଭାଙ୍ଗି ମାଟିରେ ମିଶିଯାଇଛି ଏବଂ କୋଠା ଭିତରେ ଅତିକମରେ ୧୬ ଜଣ କର୍ମଚାରୀ ଫସି ରହିଥିବା ଆଶଙ୍କା କରାଯାଉଛି । ଘଟଣାସ୍ଥଳରେ



ଏନଡିଆରଏଫ ଟିମ୍, ଅଗ୍ନିଶମ ବାହିନୀ ଓ ଆମ୍ବୁଲାନ୍ସ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ଭଙ୍ଗା କୋଠାର ଆବର୍ଜନା ତଳେ ଚାପି ହୋଇ ରହିଥିବା ୧୬ ଜଣ କର୍ମଚାରୀଙ୍କୁ ସୁରକ୍ଷିତ ବାହାର କରିବା ପାଇଁ ପ୍ରୟାସ କରାଯାଉଛି ।ପିମ୍ପ୍ରି ଚିଞ୍ଚୱାଡ୍ ମ୍ୟୁନିସିପାଲିଟି କର୍ପୋରେସନ୍ କମିଶନର ବିଜୟ ସୂର୍ଯ୍ୟବଂଶୀଙ୍କ ସୂଚନା ଅନୁଯାୟୀ, ଏହି ଦୁର୍ଘଟଣା ମୋଶୀ ଅଞ୍ଚଳରେ ଘଟିଛି। ଉକ୍ତ କୋଠାଟି ସ୍ଥାନୀୟ ପ୍ରଶାସନ ପକ୍ଷରୁ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କରୁଥିବା ଏକ ଘରୋଇ ସଂସ୍ଥାର ପ୍ରଶାସନିକ କାର୍ଯ୍ୟାଳୟ ଭାବେ ବ୍ୟବହୃତ ହେଉଥିଲା । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଗତ କିଛି ଦିନ ଧରି ଚାଲିଥିବା ଲଗାତାର ବର୍ଷା ଯୋଗୁଁ ଆବର୍ଜନା ପାହାଡ଼ର ମାଟି ଅଲଗା ହୋଇ ଢିଲା ହୋଇଯାଇଥିଲା, ଯାହାଫଳରେ ଏହି ଅଘଟଣ ଘଟିଲା ।

# ଚାଟଜିପିଟି ସହାୟତାରେ ସାଇବର ଆକ୍ରମଣ

**ନୂଆଦିଲ୍ଲୀ,୮ ।୭(ଏଜେନ୍ସି):** କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ର ଅପବ୍ୟବହାରକୁ ନେଇ ଜାପାନରୁ ଏକ ଚଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି । ଜାପାନର ଜଣେ ୧୫ ବର୍ଷୀୟ ହାଇସ୍କୁଲ ଛାତ୍ର ପ୍ରସିଦ୍ଧ ଆନିମେ ଷ୍ଟ୍ରିମିଂ ପ୍ଲାଟଫର୍ମ 'ବାନ୍ଦାଇ ଚ୍ୟାନେଲ' ଉପରେ ସାଇବର ଆକ୍ରମଣ କରିବା ପାଇଁ ଏଆଇ 'ଚାଟଜିପିଟି'ର ସହାୟତା ନେଇଥିବା ଅଭିଯୋଗରେ ଟୋକିଓ ପୋଲିସ ଦ୍ୱାରା ଗିରଫ ହୋଇଛି । ଏହି ସାଇବର ଆଟାକ୍ ଯୋଗୁଁ କମ୍ପାନୀର ବ୍ୟବସାୟିକ କାର୍ଯ୍ୟକଳାପ ବାଧାପ୍ରାପ୍ତ ହେବା ସହ ପ୍ରାୟ ୪୬,୮୧୨ ଜଣ ଗ୍ରାହକଙ୍କ ସଦସ୍ୟତା (ସବସ୍କ୍ରିପସନ୍) ସେମାନଙ୍କ ଅଜାଣତରେ ବାତିଲ ବା ଡିଲିଟ୍ ହୋଇଯାଇଥିଲା । ଟୋକିଓ ମେଟ୍ରୋପଲିଟନ ପୋଲିସ ଅନୁଯାୟୀ, ଗତ ନଭେମ୍ବର ୨୦୨୫ରେ ଏହି ନାବାଳକ ଛାତ୍ର ଜଣକ ଉକ୍ତ ଆନିମେ ପ୍ଲାଟଫର୍ମର ସୁରକ୍ଷା ବ୍ୟବସ୍ଥାରେ ଥିବା ଏକ ବୈଷୟିକ ତ୍ରୁଟି ଖୋଜି ପାଇଥିଲା ଏବଂ ପରେ ସେଠାରୁ ଆକାଉଣ୍ଟ ଡିଲିଟ୍ କରିବା ପ୍ରକ୍ରିୟାକୁ ସ୍ୱୟଂଚାଳିତ କରିବା ପାଇଁ ଏକ ମାଲିସିଅସ୍ ସଫ୍ଟୱେର୍ ପ୍ରସ୍ତୁତ କରିଥିଲା ।

ପୋଲିସ ଜେରା ସମୟରେ ଅଭିଯୁକ୍ତ ଛାତ୍ରଜଣକ ନିଜର ଦୋଷ ସ୍ୱୀକାର କରି କହିଛି, ମୁଁ ନିଜେ ସଦସ୍ୟତା ପ୍ରତ୍ୟାହାର ପ୍ରକ୍ରିୟାର ସୋର୍ସ କୋଡ୍ ପ୍ରସ୍ତୁତ କରିଥିଲି, କିନ୍ତୁ ଏଥିରେ ଅଧିକ ସମୟ ଲାଗୁଥିବାରୁ ମୁଁ ଚାଟଜିପିଟିକୁ ଏକ ଭିନ୍ନ ପ୍ରୋଗ୍ରାମିଂ ଭାଷାରେ ଏହାକୁ ଶୀଘ୍ର ଶେଷ କରିବା ପାଇଁ ସହାୟତା ମାଗିଥିଲି । ଗତ ନଭେମ୍ବର ୪, ୨୦୨୫ରେ ସେ କମ୍ପାନୀର ସର୍ଭରକୁ ଭୁଲ୍ କମାଣ୍ଡ ପଠାଇ ହଜାର ହଜାର ଆକାଉଣ୍ଟ ବନ୍ଦ କରିଦେଇଥିଲା, ଯାହାକୁ ସ୍ୱାଭାବିକ କରିବା ପାଇଁ କମ୍ପାନୀକୁ ଡିସେମ୍ବର ମାସ ପର୍ଯ୍ୟନ୍ତ ସମୟ ଲାଗିଥିଲା । ପୋଲିସ ଆହୁରି ମଧ୍ୟ କହିଛି ଯେ କମ୍ପାନୀ ତାର ଆକ୍ସେସ୍ ବ୍ଲକ୍ କରିବା ପରେ ମଧ୍ୟ ସେ ନିଜର ଆଇପି ଆଡ୍ରେସ୍ ପ୍ରାୟ ୩୦ ଥର ବଦଳାଇ ଏହି ସାଇବର ଆଟାକ୍ ଜାରି ରଖିଥିଲା । ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ବେଳେ ଚତୁର୍ଥ ଶ୍ରେଣୀରୁ ନିଜ ଚେଷ୍ଟାରେ ପ୍ରୋଗ୍ରାମିଂ ଶିଖିଥିବା ଏହି ନାବାଳକର କମ୍ପାନୀ ପ୍ରତି କୌଣସି ବ୍ୟକ୍ତିଗତ ଶତ୍ରୁତା ନଥିଲା, ବରଂ ସହଜରେ ଅଧିକ ଆକାଉଣ୍ଟ ଲଗ୍-ଇନ୍ ହୋଇପାରୁଥିବାରୁ ସେ ଏହାକୁ ନିଜର ଟାର୍ଗେଟ୍ ବନାଇଥିଲା । ବର୍ତ୍ତମାନ ପୋଲିସ ଛାତ୍ରଙ୍କ ନାମ ଗୋପନ ରଖିବା ସହ ତାଙ୍କୁ ଗିରଫ କରି ନିଜ ହେପାଜତରେ ରଖିଛି। ସେପଟେ ବାନ୍ଦାଇ ନାମକୋ ଫିଲ୍ମୱାର୍କସ ପକ୍ଷରୁ ପ୍ରଭାବିତ ଗ୍ରାହକମାନଙ୍କୁ ଫିସିଂ ଇମେଲ୍ ପ୍ରତି ସତର୍କ ରହିବାକୁ କୁହାଯିବା ସହ ସେମାନଙ୍କର ସବସ୍କ୍ରିପସନ ଫି' ଫେରସ୍ତ କରାଯାଉଛି ।

# ସ୍ପେନ୍ ସହ ସମସ୍ତ ବ୍ୟାପାରିକ ସମ୍ପର୍କ ଛିନ୍ନ କରିବାକୁ ଟ୍ରମ୍ପଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୮ ।୭(ଏଜେନ୍ସି):**ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ନାଟୋ ସମ୍ମିଳନୀ ଅବସରରେ ଆମେରିକାର ଟ୍ରେଜେରୀ ସେକ୍ରେଟେରୀ ସ୍କଟ୍ ବେସେଣ୍ଟଙ୍କୁ ସ୍ପେନ୍ ସହ ସମସ୍ତ ପ୍ରକାର ବାଣିଜ୍ୟିକ ସମ୍ପର୍କ ତୁରନ୍ତ ଛିନ୍ନ କରିବାକୁ କହିଛନ୍ତି। ତୁର୍କୀର ଅଙ୍କାରାଠାରେ ଆୟୋଜିତ ନାଟୋ ସମ୍ମିଳନୀର ପ୍ରାରମ୍ଭରେ ସଙ୍ଗଠନର ମହାନିର୍ଦ୍ଦେଶକ ମାର୍କ ରୁଟ୍ଟେଙ୍କ ସହ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ସ୍ପେନକୁ ନାଟୋ ସାମରିକ ମେଣ୍ଟର ଏକ 'ଅତି ଖରାପ ଅଂଶୀଦାର' ଭାବେ ଟ୍ରମ୍ପ ବର୍ଣ୍ଣନା କରିଛନ୍ତି । ସେ ସ୍ପେନ୍ ସହ କୌଣସି ପ୍ରକାର ବ୍ୟବସାୟ କରିବାକୁ ଚାହାଁନ୍ତି ନାହିଁ ବୋଲି ସ୍ପଷ୍ଟ କରିବା ସହ ନିଜ ଅଧିକାରୀଙ୍କୁ ସେମାନଙ୍କ ସହ ଆଦୌ କଥା ନହେବାକୁ କହିଛନ୍ତି ।ଟ୍ରମ୍ପଙ୍କ ଏହି କଠୋର ଆଭିମୁଖ୍ୟ ପଛରେ ଦୀର୍ଘ ଦିନର ସାମରିକ ଓ ରାଜନୈତିକ ବିବାଦ ରହିଛି । ସ୍ପେନ୍ ନାଟୋର ଜିଡିପିର ୫ ପ୍ରତିଶତ ପ୍ରତିରକ୍ଷା କ୍ଷେତ୍ରରେ ଖର୍ଚ୍ଚ କରିବା ପ୍ରସ୍ତାବକୁ ଗ୍ରହଣ କରିନଥିବା ବେଳେ, ସେଠାକାର ସରକାର ଇରାନ ସହ ସଂଘର୍ଷ ସମୟରେ ଆମେରିକାକୁ ସ୍ପେନର ଆକାଶମାର୍ଗ ଓ ସାମରିକ ଘାଟି ବ୍ୟବହାର କରିବାକୁ ମଧ୍ୟ ବାରଣ କରିଥିଲା । ସ୍ପେନରେ ଆମେରିକାର ଦୁଇଟି ପ୍ରମୁଖ ସାମରିକ ଘାଟି 'ରୋଟା ନାଭାଲ ଷ୍ଟେସନ' ଏବଂ 'ମୋରୋନ୍ ଏୟାର ବେସ୍' ରହିଛି, ଯାହା ଭୂମଧ୍ୟସାଗରୀୟ ଅଞ୍ଚଳରେ ଆମେରିକାର ଅପରେସନ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଗତ ମାର୍ଚ୍ଚ ମାସରେ ସ୍ପେନ୍ ଏହି ମିଳିତ ଘାଟିଗୁଡ଼ିକୁ ଇରାନ ବିରୋଧୀ ମିଶନ ପାଇଁ ବ୍ୟବହାର କରିବାକୁ ଆମେରିକା ସେନାକୁ ସଫା ସଫା ମନା କରିଦେଇଥିଲା, ଯାହାକୁ ନେଇ ଆମେରିକା ପ୍ରତିରକ୍ଷା ବିଭାଗ ପେଣ୍ଟାଗନ୍ ସ୍ପେନକୁ ନାଟୋ ମେଣ୍ଟରୁ ନିଲମ୍ବିତ କରିବା ନେଇ ମଧ୍ୟ ଚର୍ଚ୍ଚା କରୁଥିଲା। ସେପଟେ ଟ୍ରମ୍ପଙ୍କ ଏହି ବାଣିଜ୍ୟିକ ପ୍ରତିବନ୍ଧକ ଧମକ ଉପରେ ପ୍ରତିକ୍ରିୟା ରଖି ସ୍ପେନ୍ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି ଯେ, ସେମାନେ ଏହାକୁ ଏକ 'ସାଧାରଣ ବ୍ୟବସାୟିକ ପ୍ରକ୍ରିୟା' ଭାବେ ଦେଖୁଛନ୍ତି। ଆମେରିକା ସହ ସ୍ପେନର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କ ସର୍ବଦା ଉତ୍କୃଷ୍ଟ ରହିଛି ଏବଂ ଏଥିରେ କୌଣସି ପରିବର୍ତ୍ତନ କରିବାର ଉଦ୍ଦେଶ୍ୟ ସ୍ପେନର ନାହିଁ ବୋଲି ସରକାରୀ ବୟାନରେ କୁହାଯାଇଛି ।

# ରୋଜଗାର ଅଧିକାର ଚୋରି କରିଛନ୍ତି ସରକାର

**ନୂଆଦିଲ୍ଲୀ,୮ ।୭(ଏଜେନ୍ସି):**କଂଗ୍ରେସ ବୁଧବାର କେନ୍ଦ୍ର ସରକାରଙ୍କ ଗ୍ରାମୀଣ ବିକଶିତ ଭାରତ ନିଶ୍ଚିତ ରୋଜଗାର ଏବଂ ଆଜିବିକା ମିଶନ (ଭିବି-ଜି ରାମ-ଜି) ଅଧିନିୟମ ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛି । ଦଳର ବରିଷ୍ଠ ନେତା ଜୟରାମ ରମେଶ ଏହା ମାଧ୍ୟମରେ ସରକାର ଲୋକଙ୍କ'ରୋଜଗାର ଅଧିକାର ଚୋରି' କରିଥିବା ବୋଲି ଅଭିଯୋଗ ଆଣିଛନ୍ତି । ଏହା ରାଜ୍ୟଗୁଡ଼ିକ ଉପରେ ବଡ଼ ଧରଣର ଆର୍ଥିକବୋଝ ଲଦି କାମ କରିବାର ସାମ୍ବିଧାନିକ ଅଧିକାରକୁ



ଦୁର୍ବଳ କରୁଛି। ଜମ୍ମୁ ଏବଂ କାଶ୍ମୀରର ପୂର୍ବତନ ଅର୍ଥମନ୍ତ୍ରୀ ହସିବ ଦ୍ରାବୁଙ୍କ ଏକ ଲେଖା ସୋସିଆଲ ମିଡିଆ ଏକ୍ସରେ ସେୟାର କରି ରମେଶ କହିଛନ୍ତି ଯେ ନୂତନ ଆଇନ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ(ମନରେଗା)ର ଅଧିକାର-ଆଧାରିତ ଢାଞ୍ଚାକୁ ଭାଙ୍ଗି ଦେଇଛି । ଭାରତର ଜଣେ ଉତ୍କୃଷ୍ଟ ଅର୍ଥନୀତିଜ୍ଞଏବଂ ଜାମ୍ମୁ-କାଶ୍ମୀରର ପୂର୍ବତନ ଅର୍ଥମନ୍ତ୍ରୀ ହସିବ ଦ୍ରାବୁ ଭିବି-ଜି ରାମ-ଜିର ବାସ୍ତବତା ଦର୍ଶାଇ ଏହାକୁ ମନରେଗା ପରିବର୍ତ୍ତନକାରୀ ବୁଲଡୋଜର ବୋଲି ଉଲ୍ଲେଖ କରିଛନ୍ତି । ମନରେଗା ଏକ ଅଧିକାର-ଭିତ୍ତିକ, ଚାହିଦା-ଚାଳିତ କାର୍ଯ୍ୟକ୍ରମ ଥିଲା ଯାହା ପ୍ରତ୍ୟେକ ଯୋଗ୍ୟ ଗ୍ରାମୀଣ ପରିବାରକୁ ଆଇନଗତ ଅଧିକାର ଭାବରେ ୧୦୦ ଦିନର ଅଣକୁଶଳୀ କାମର ଗ୍ୟାରେଣ୍ଟି ଦେଇଥିଲା । ସେ କହିଛନ୍ତି ଯେ ନୂତନ ଆଇନସେହି ଅଧିକାରକୁ ଶେଷ କରିଥିବା ସେ ଉଲ୍ଲେଖ କରିଛନ୍ତି । ରମେଶ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ, ନୂତନ ଆଇନ ହିତାଧିକାରୀମାନଙ୍କୁ ସହଜ କରିବା ପାଇଁ ନୁହେଁ ବରଂ ବାଦ ଦେବା ପାଇଁ ପ୍ରଯୁକ୍ତିବିଦ୍ୟା ପ୍ରଚଳନ କରୁଛି । ମନରେଗା ପରି, ଏହା ବର୍ଷସାରା ନିଯୁକ୍ତି ପ୍ରଦାନ କରେ ନାହିଁ। କଂଗ୍ରେସ ଜୁଲାଇ ୧ ତାରିଖରେ କାର୍ଯ୍ୟକାରୀ ହେବା ପରଠାରୁ ଏହି ଆଇନକୁ ବିରୋଧ କରିଆସୁଛି, ଏହାକୁ ବାତିଲ କରିବା ଏବଂ ଏକ ସୁଦୃଢ଼ ମନରେଗା ପୁନଃସ୍ଥାପିତ କରିବା ଦାବି କରୁଛି । ଦଳ ଏହା ମଧ୍ୟ ଦାବି କରିଛି ଯେ ନୂତନ ଆଇନ ଅନୁଯାୟୀ ମଜୁରୀ କମ୍ ରହିଛି ଏବଂ ଗ୍ରାମୀଣ ଶ୍ରମିକଙ୍କ ପାଇଁ ଏକ ନ୍ୟାଯ୍ୟ ସର୍ବନିମ୍ନ ମଜୁରୀ ସୁନିଶ୍ଚିତ କରିବା ପାଇଁ ଅନୁପ ସତପଥୀଙ୍କ ଅଧ୍ୟକ୍ଷତାରେ ଗଠିତ ବିଶେଷଜ୍ଞ କମିଟିର ୨୦୧୯ ସୁପାରିଶକୁ ମହଙ୍ଗା ଦର ସଂଶୋଧନ ଆଧାରରେ ଗ୍ରହଣ କରିବାକୁ କହିଛି । କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ଦ୍ୱାରା ପ୍ରଚଳିତ ପ୍ରାୟ ଦୁଇ ଦଶନ୍ଧି ପୁରୁଣା ମନରେଗାକୁ ବଦଳାଯାଉ କେନ୍ଦ୍ର ସରକାର,ଭିବି-ଜି ରାମ-ଜି ଅଧିନିୟମ ଜୁଲାଇ ୧ ରେ ସାରା ଦେଶରେ କାର୍ଯ୍ୟକାରୀ କରିଥିଲେ ।

# ଭୁଶୁଡ଼ିଲା ନିର୍ମାଣଧିନ ୫ମହଲା କୋଠା

**ନୂଆଦିଲ୍ଲୀ,୮ ।୭(ଏଜେନ୍ସି):** ରୋହିଣୀ ସେକ୍ଟର-୧୬ର ଜି-୪ ପକେଟରେ ସୋମବାର ଏକ ନିର୍ମାଣାଧୀନ କୋଠା ହଠାତ ଭୁଶୁଡ଼ି ପଡ଼ିଛି । ଦୁର୍ଘଟଣା ସମୟରେ ଅନେକ ଶ୍ରମିକ କୋଠା ଭିତରେ କାମ କରୁଥିଲେ । ପ୍ରାରମ୍ଭିକ ସୂଚନା ଅନୁଯାୟୀ, ଅନେକ ଶ୍ରମିକ ଭଗ୍ନା ବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଉଛି । ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ ଚିତ୍କାର ଶୁଣାଯାଇଥିଲା ଏବଂ ଆଖପାଖ ଅଞ୍ଚଳର ଲୋକମାନେ ଘଟଣାସ୍ଥଳକୁ ଧାଇଁ ଆସିଥିଲେ । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, ଏକ ଜୋରରେ ବିସ୍ଫୋରଣ ଭଳି ଶବ୍ଦ ଶୁଣିବାକୁ ମିଳିଥିଲା ଏବଂ କିଛି ମୁହୂର୍ତ୍ତ ମଧ୍ୟରେ ସମଗ୍ର କୋଠାଟି ଭୁଶୁଡ଼ି ପଡ଼ିଥିଲା । ଏହାଦେଖି ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ତୁରନ୍ତ ପୋଲିସ ଏବଂ ଅନ୍ୟାନ୍ୟ ସଂସ୍ଥାକୁ ଖବର ଦେଇଥିଲେ ।ଖବରପାଇ ଦିଲ୍ଲୀ ପୋଲିସ, ଦମକଳବାହିନୀ ଏବଂ ଘଡଜରୁ ର ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି । ଚାପି ହୋଇଥିବା ଲୋକଙ୍କୁ ଉଦ୍ଧାର କରିବାକୁ ମେସିନ ସହ ରେସ୍କ୍ୟୁ ଟିମ୍ ବି ସାମିଲ କରାଯାଇଛି ।

# ବିରୋଧ ପ୍ରଦର୍ଶନ ବେଳେ ଭିଡ଼ ଭିତରେ ନିଜ ଦଳର କର୍ମୀଙ୍କୁ ଚାପୁଡ଼ା ମାରିଲେ ମମତା

**ନୂଆଦିଲ୍ଲୀ,୮ ।୭(ଏଜେନ୍ସି):**ପୁଣି ଚର୍ଚ୍ଚାରେ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ସୋସିଆଲ ମିଡିଆରେ ବେଶ ଭାଇରାଲ ହେବାରେ ଲାଗିଛି ଦିଦିଙ୍କ ରାଗ । ନିଜ ଦଳର କର୍ମୀଙ୍କୁ ସର୍ବସମ୍ମୁଖରେ ଚାପୁଡ଼ା ମାରିଲେ ଟିଏମସି ସୁପ୍ରିମୋ । ପଶ୍ଚିମବଙ୍ଗର ବାରୁଇପୁର ଘଟଣାରେ ବିକ୍ଷୋଭ ପ୍ରଦର୍ଶନବେଳେ ଏଭଳି ଏକ ଘଟଣାର ସାମ୍ନାକୁ ଆସିଛି । ଦିଦି ରାଗି ଯାଇଥିବା ମଧ୍ୟ ନଜର ଆସିଛନ୍ତି । ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ ଭାଇରାଲ ହେବାରେ ଲାଗିଛି । ଯାହାକୁ ନେଇ ୟୁଜର୍ସମାନେ ବିଭିନ୍ନ କମେଣ୍ଟ ମଧ୍ୟ କରୁଥିବା ଦେଖିବାକୁ ମିଳିଛି । ମମତା ମାଇକ୍ରୋଫୋନ ଧରି ସାରାରଣ ଶେଳୀରେ ଜନତାଙ୍କୁ ସମ୍ବୋଧିତ କରୁଥିଲେ ।ଏହି ସମୟରେ ତାଙ୍କ କାଳିଘାଟ ଘର ବାହାରେ ଗଣ୍ଡଗୋଳ



ସୃଷ୍ଟି ହୋଇଥିଲା । ଏବଂ ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଦିଦି ଓହ୍ଲାଇଥିଲେ । ଆଉ ସେ ଏତେ ରାଗରେ ଥିଲେ କି, ଜଣେ ବ୍ୟକ୍ତିଙ୍କୁ ସର୍ବସମ୍ମୁଖରେ ଚାପୁଡ଼ା ମାରିଥିଲେ । ତେବେ ସେ ବ୍ୟକ୍ତି ତାଙ୍କ ଦଳର ଜଣେ କର୍ମୀ । ତେବେ ଭିଡିଓ ଭାଇରାଲ ହେଉଥିବାବେଳେ ଏହାକୁ ନେଇ ବିଜେପି ପକ୍ଷରୁ କଡ଼ା ସମାଲୋଚନା କରାଯାଇଛି । କୁହାଯାଇଛି କି, ଏଥିରୁ ଜଣାପଡୁଛି କି, ମମତାଙ୍କ ମାନସିକ ସ୍ଥିତି ଠିକ୍ ନାହିଁ । ସେପଟେ ମମତା କହିଛନ୍ତି କି, ମୁଁ ସୂଚନା ପାଇଲି କି ଆମର ଆଇଟି ସେଲ୍ ଅଧ୍ୟକ୍ଷଙ୍କୁ ଘେରି ଆକ୍ରମଣ କରାଯାଉଛି । ତେଣୁ ମୁଁ ତାଙ୍କୁ ଉଦ୍ଧାର କରିବା ପାଇଁ ଯାଇଥିଲି । ରାଲି କରିବା ଆମର ଦାୟିତ୍ୱ । ଏହାକୁ କେହି ରୋକିପାରିବେ ନାହିଁ । ମୁଁ ଏଥିପାଇଁ ସରକାର କିମ୍ବାର ବିଜେପିକୁ କେଣସି ଦୋଷ ଦେଉନାହିଁ । ମୁଁ ସମସ୍ତ ଦୋଷ ପ୍ରଶାସନକୁ ଦେଉଛି ।ପୁଲିସ ନିଜର କାମ ଠିକସେ କରୁନାହିଁ । ସେମାନଙ୍କ ପାଇଁ ଆମ ଉପରେ ଆକ୍ରମଣ କରାଗଲା । ସେପଟେ ମମତା କହିଛନ୍ତି କି, ରାଜ୍ୟର ପରିସ୍ଥିତି ଆଗକୁ ଆହୁରି ଖରାପ ହେବ । କେହି ମଧ୍ୟ କଳ୍ପନା କରିପାରୁନାହାନ୍ତି କି, ଏଠାରେ କଣ ଘଟୁଛି । ସମସ୍ତଙ୍କ ଉପରେ ଆକ୍ରମଣ ହେଉଛି । ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଖୁଲମଖୁଲା ଉଲଙ୍ଘନ କରାଯାଉଛି । ମହିଳା ଏବଂ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଉଛି । ଅନେକଙ୍କୁ ହତ୍ୟା ମଧ୍ୟ କରାଯାଉଛି । ହେଲେ ଯେଉଁମାନେ ଏହା ବିରୁଦ୍ଧରେ ପ୍ରତିବାଦ କରୁଛନ୍ତି ସେମାନଙ୍କୁ ଗିରଫ କରାଯାଉଛି । ଶାନ୍ତିପୂର୍ଣ୍ଣ ଭାବେ ସମସ୍ତ ସମସ୍ୟାରେ ସମାଧାନ କରାଯାଉ ବୋଲି ନିବେଦନ କରିଛନ୍ତି ମମତା ବାନାର୍ଜୀ ।



# ଓଡିଆ ଉଦ୍ୟୋଗୀ ହୁରୁନ ଇଣ୍ଡିଆ ୟୁ୩୦ ତାଲିକା ୨୦୨୬ରେ ସ୍ଥାନିତ

ଭୁବନେଶ୍ୱର, ୮।୭ (ନି.ପ୍ର) : ଆଇଜି ଡିଫେନ୍ସର ଓମ୍ ପ୍ରକାଶ ଓ ଶୁଭମ ଦାସଙ୍କ ସମେତ ଓଡିଆ ଉଦ୍ୟୋଗୀ ବୋଧିସତ୍ୱ ସଂଘପ୍ରିୟ ହୁରୁନ ଇଣ୍ଡିଆ ୟୁ୩୦ ତାଲିକା ୨୦୨୬ରେ ସ୍ଥାନ ପାଇଛନ୍ତି । ଯାହା ଭାରତର ବିଭିନ୍ନ କ୍ଷେତ୍ରରେ ଉଦ୍ଭାବନକୁ ପରିଚାଳନା କରୁଥିବା ୩୦ ବର୍ଷ ଓ ତାହାଠାରୁ କମ ବୟସର ୧୦୨ ଜଣ ଅସାଧାରଣ ଲିଡରଙ୍କୁ ସ୍ୱୀକୃତି ପ୍ରଦାନ କରିଛି। ଏହି ତିନି ଜଣଙ୍କୁ ଭାରତୀୟ ସୈନ୍ୟବାହିନୀ ପାଇଁ ଆଡ୍‌ଭାନ୍ସଡ ଅନ୍‌ମ୍ୟାନ୍‌ଡ ସିଷ୍ଟମ ଓ କାଉଂଟର-ଡ୍ରୋନ ଟେକ୍ନୋଲୋଜି ବିକଶିତ କରି ଭାରତର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତାରେ ଯୋଗଦାନ ଦେବା ପାଇଁ ଏହି ସ୍ୱୀକୃତି ଦିଆଯାଇଛି, ଯାହା ଦେଶର ପ୍ରତିରକ୍ଷା କ୍ଷେତ୍ରକୁ ମଜବୁତ କରିବା ଦିଗରେ ଯୁବ ଉଦ୍ଭାବକଙ୍କ ବର୍ଦ୍ଧିତ ଭୂମିକାକୁ ପ୍ରତିଫଳନ କରୁଛି। ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି (ଭିସୁଟ୍), ବୁର୍ଲା ଏବଂ ଆଇଆଇଏମ ସମ୍ବଲପୁରର ଜଣେ ପୂର୍ବତନ ଛାତ୍ର ବୋଧିସତ୍ୱ ସଂଘପ୍ରିୟଙ୍କ ଉଦ୍ୟୋଗିକ ଯାତ୍ରା ଓଡିଶାରେ ଆରମ୍ଭ ହୋଇଥିଲା ଯେଉଁଠାରେ ବାସ୍ତବ ଦୁନିଆର ଇଞ୍ଜିନିୟରିଂ ଚ୍ୟାଲେଞ୍ଜଗୁଡିକୁ ସମାଧାନ କରିବାରେ ତାଙ୍କର ପ୍ରାରମ୍ଭିକ ଆଗ୍ରହ ପ୍ରତିରକ୍ଷା ଟେକ୍ନୋଲୋଜି କ୍ଷେତ୍ରରେ ତାଙ୍କର କାର୍ଯ୍ୟ ପାଇଁ ମୂଳଦୁଆ ସ୍ଥାପନ କରିଥିଲା।

ଏହି ସ୍ୱୀକୃତି ସମ୍ପର୍କରେ ଆଇଜି ଡ୍ରୋନ୍‌ସର ପ୍ରତିଷ୍ଠାତା ଓ ସିଇଓ ବୋଧିସତ୍ୱ ସଂଘପ୍ରିୟ କହିଛନ୍ତି, ' ଏହି ସ୍ୱୀକୃତି ସ୍ୱତନ୍ତ୍ର ଭାବେ ଅର୍ଥପୂର୍ଣ୍ଣ ଅଟେ କାରଣ ମୋର ଯାତ୍ରା ଓଡିଶାରୁ ଆରମ୍ଭ ହୋଇଥିଲା। ସେହି ଗଠନମୂଳକ ବର୍ଷଗୁଡିକରେ ଶିଖିବା, ଉଦ୍ଭାବନ କରିବା ଓ ପ୍ରକୃତ ସମସ୍ୟାଗୁଡିକର ସମାଧାନ କରିବା ପାଇଁ ମିଳିଥିବା ସୁଯୋଗ ଆଜି ଆମର କାର୍ଯ୍ୟକୁ ରୂପ ଦେବା ଜାରି ରଖିଛି। ଭାରତର ଏହାର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତାକୁ ସୁଦୃଢ଼ କରୁଥିବାରୁ ଗବେଷଣା, ଉଦ୍ଭାବନ ଓ ଅତ୍ୟାଧୁନିକ ନିର୍ମାଣ ମାଧ୍ୟମରେ ଏହି ରୂପାନ୍ତରଣରେ ଜଣେ ଅବଦାନକାରୀ ଭାବେ ଓଡିଶା ଉଭା ହେଉଥିବାର ଦେଖିବା ଉତ୍ସାହଜନକ ଅଟେ। ଆମେ ଆଶା କରୁଛୁ ଏହା ରାଜ୍ୟର ଆହୁରି ଅନେକ ଯୁବପିଢିଙ୍କୁ ଟେକ୍ନୋଲୋଜି-ଚାଳିତ ଉଦ୍ଭାବନ କ୍ଷେତ୍ରକୁ ଅନୁସରଣ କରିବା ଓ ରାଷ୍ଟ୍ରନିର୍ମାଣରେ ଯୋଗଦାନ ଦେବା ପାଇଁ ପ୍ରେରିତ କରିବ।' ବର୍ତ୍ତମାନ ଆଇଜି ଡିଫେନ୍ସ ଏଫପିଭି କମ୍ବାଟ ଡ୍ରୋନ, ଟାକ୍ଟିକାଲ



ଅନ୍‌ମ୍ୟାନ୍‌ଡ ଏରିଏଲ ସିଷ୍ଟମ, କାଉଂଟର-ଡ୍ରୋନ ସଲ୍ୟୁଶନ୍ସ, ଇଲେକ୍‌ଟ୍ରୋନିକ ୱାରଫେୟାର ସିଷ୍ଟମ ଓ ଟାକ୍ଟିକାଲ ରୋବୋଟିକ ପ୍ଲାଟଫର୍ମ ଭଳି ବିସ୍ତୃତ ରେଞ୍ଜର ସ୍ୱଦେଶୀ ଡିଫେନ୍ସ ଟେକ୍ନୋଲୋଜି ବିକଶିତ କରୁଛି। କମ୍ପାନୀ ଅପରେଶନ ସିନ୍ଦୁର ସମୟରେ ଏଫପିଭି ଷ୍ଟ୍ରାଇକର ଡ୍ରୋନ ଯୋଗାଇଥିବା ବେଳେ ନିକଟରେ ସ୍ୱଦେଶରେ ବିକଶିତ ଭିଟିଓଏଲ ଓ ଏଫପିଭି ଡ୍ରୋନ ସିଷ୍ଟମଗୁଡିକ ପାଇଁ ଭାରତୀୟ ସେନା ସହ ଏକ ଚୁକ୍ତି ସ୍ୱାକ୍ଷର କରିଛି। ଏହା ୫୦୦୦ରୁ ଅଧିକ ଏଫପିଭି ଡ୍ରୋନ ପାଇଁ ଅର୍ଡର ହାସଲ କରିଥିବା ବେଳେ ଦିନକୁ ୨୦୦ ପର୍ଯ୍ୟ' ଡ୍ରୋନ ଉତ୍ପାଦନ କରିବା ପାଇଁ ନିଜର ଉତ୍ପାଦନ କ୍ଷମତା ବୃଦ୍ଧି କରିଛି, ଯାହା ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଉପରେ ଭାରତର ବର୍ଦ୍ଧିତ ମହତ୍ୱକୁ ସମର୍ଥନ କରୁଛି। ସେହିପରି ଓଡିଶା ମଧ୍ୟ କମ୍ପାନୀର ଭବିଷ୍ୟତର ଅଭିବୃଦ୍ଧି କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବା ପାଇଁ ପ୍ରସ୍ତୁତ ରହିଛି। ରାଜ୍ୟ ସରକାର ଗାମ ଜିଲ୍ଲାରେ ୩୦୦ କୋଟି ଟଙ୍କା ମୂଲ୍ୟର ଆଡ୍‌ଭାନ୍ସଡ ଡ୍ରୋନ ଉତ୍ପାଦନ କାରଖାନା ପାଇଁ ମୁରୀ ଦେଇଛନ୍ତି ଯେଉଁଠାରେ ଟାକ୍ଟିକାଲ ଅନ୍‌ମ୍ୟାନ୍‌ଡ ଏରିଏଲ ସିଷ୍ଟମ, ଇଲେକ୍‌ଟ୍ରୋନିକ ୱାରଫେୟାର-ଏନାବ୍‌ଲ୍ଡ ପ୍ଲାଟଫର୍ମ ଓ ନେକ୍ସଟ ଜେନେରେଶନ ଡିଫେନ୍ସ ଟେକ୍ନୋଲୋଜି ଉତ୍ପାଦନ କରାଯିବ।

# ଆଜିଠୁ ଲେଜର ପାୱାର ଆଣ୍ଡ ଇନଫ୍ରା ଲିମିଟେଡର ଇନିସିଆଲ ପବ୍ଲିକ ଅଫରିଂ




ଭୁବନେଶ୍ୱର, ୮।୭ (ନି.ପ୍ର) : ଲେଜର ପାୱାର ଆଣ୍ଡ୍ ଇନଫ୍ରା ଲିମିଟେଡର ପ୍ରସ୍ତାବିତ ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ୨୦୨୬ ଜୁଲାଇ ୯ ତାରିଖ ଗୁରୁବାର ଦିନ ଖୋଲିବ। ଆଙ୍କର ନିବେଶକମାନେ ଏହାର ଗୋଟିଏ କାର୍ଯ୍ୟଦିବସ ପୂର୍ବରୁ ୨୦୨୬ ଜୁଲାଇ ୮ ବୁଧବାର ଦିନ ବିଡ ଦାଖଲ କରିପାରିବେ। ଇସ୍ୟୁର ବିଡ ଦାଖଲ ୨୦୨୬ ଜୁଲାଇ ୧୩ ସୋମବାର ଦିନ ଶେଷ ହେବ।

ଏହି ଇସ୍ୟୁରେ କମ୍ପାନିର ଇକ୍ୱିଟି ସେୟାର ପିଛା ମୂଲ୍ୟ ୨୦୩ ଟଙ୍କାରୁ ୨୧୪ ଟଙ୍କା ମଧ୍ୟରେ ରହିବ। ନିବେଶକମାନେ ସର୍ବନିମ୍ନ ୭୦ଟି ସେୟାର ପାଇଁ ବିଡ ଦାଖଲ କରିପାରିବେ ଏବଂ ତାପରେ ୭୦ଟି ଲେଖାଏଁ ଗୁଣିତକ ହିସାବରେ ସେୟାର ଯୋଡ଼ିପାରିବେ। ଏହି ଅଫରରେ କମ୍ପାନି ୫୪୨ କୋଟି ଟଙ୍କାର ନୂଆ ସେୟାର ଜାରି କରିବ ଓ ଅଫର ଫର ସେଲରେ ପ୍ରତିଷ୍ଠାତା ଅଂଶଧନକାରୀମାନେ ୨୦୦ କୋଟି ଟଙ୍କାର ସେୟାର ବିକ୍ରି କରିବେ।

ଅଫର ଫର ସେଲରେ ଦୀପକ ଗୋୟଲ ୧୧୨.୫ କୋଟି ଟଙ୍କା, ରାକ୍ଷୀ ଗୋୟଲ ୨୫ କୋଟି ଟଙ୍କା ଓ ଦେବେଶ ଗୋୟଲ ୬୨.୫ କୋଟି ଟଙ୍କାର ଇକ୍ୱିଟି ସେୟାର ବିକ୍ରି କରିବେ।

କମ୍ପାନି ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଦାଖଲ କରାଯାଇଥିବା ଡ୍ରାଫ୍ଟ ରେଡ ହେରିଂ ପ୍ରୋସପେକ୍ଟସ ଅନୁସାରେ ଇସ୍ୟୁର ୫୦ ପ୍ରତିଶତ ସେୟାରକୁ ଯୋଗ୍ୟ ସଂସ୍ଥାଗତ ନିବେଶକ (କ୍ୟୁଆଇବି)ମାନଙ୍କ ପାଇଁ ରଖାଯିବ। ବୁକ ରନିଂ ଲିଡ ମ୍ୟାନେଜର (ବିଆରଏମଏଲ) ଚାହିଲେ କ୍ୟୁଆଇବି ଭାଗର ୬୦ ପ୍ରତିଶତ ପର୍ଯ୍ୟ' ସେୟାର ଆଙ୍କର ନିବେଶକଙ୍କୁ ଆବଂଟନ କରିପାରିବେ। ସେଥିରୁ ଜୀବନ ବୀମା କମ୍ପାନି, ପେନସନ ଫଣ୍ଡମାନଙ୍କ ପାଇଁ ୬.୬୭ ପ୍ରତିଶତ ଓ ମ୍ୟୁଚୁଆଲ ଫଣ୍ଡମାନଙ୍କ ପାଇଁ ୩୩.୩୩ ପ୍ରତିଶତ ସେୟାର ରହିବ। ନିଟ କ୍ୟୁଆଇବି ଭାଗର ୫ ପ୍ରତିଶତ ସେୟାର କେବଳ ମ୍ୟୁଚୁଆଲ ଫଣ୍ଡମାନଙ୍କ ପାଇଁ ରହିବ। ୧୫ ପ୍ରତିଶତ ଇକ୍ୱିଟି ସେୟାରକୁ ଅଣ ସଂସ୍ଥାଗତ ନିବେଶକମାନଙ୍କୁ ଜାରି କରାଯିବ। ଅଫରର ୩୫ ପ୍ରତିଶତ ଇକ୍ୱିଟି ସେୟାର ଖୁଚୁରା ନିବେଶକମାନଙ୍କୁ ଆବଂଟନ କରାଯିବ।

କମ୍ପାନିର ସେୟାରକୁ ବିଏସଇ ଲିମିଟେଡ ଓ ନ୍ୟାସନାଲ ଷ୍ଟକ ଏକ୍ସଚେ ଅଫ ଇଣ୍ଡିଆ ଲିମିଟେଡରେ ତାଲିକାଭୁକ୍ତ କରାଯିବ। ଏହି ଅଫରର ବୁକ ରନିଂ ଲିଡ ମ୍ୟାନେଜର ହେଉଛନ୍ତି ଆଇଆଇଏଫଏଲ କ୍ୟାପିଟାଲ ସର୍ଭିସେସ ଲିମିଟେଡ ଓ ଆଇସିଆଇସିଆଇ ସିକ୍ୟୁରିଟିଜ ଲିମିଟେଡ।

# IIT ମାଡ୍ରାସର ପୂର୍ବତନ ଛାତ୍ରମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଡିପ୍-ଟେକ୍ ଷ୍ଟାର୍ଟଅପ୍ Blurgs AI ବିଶ୍ୱ ବଜାରରେ ବିସ୍ତାର ପାଇଁ ୨.୨ ମିଲିୟନ୍ ଡଲାର ପାଣ୍ଠି ସଂଗ୍ରହ କରିଛି

ଭୁବନେଶ୍ୱର, ୮।୭ (ନି.ପ୍ର) : ପ୍ରତିରକ୍ଷା, ଜାତୀୟ ସୁରକ୍ଷା ଏବଂ ବାଣିଜ୍ୟିକ ସାମୁଦ୍ରିକ ବଜାର ପାଇଁ Blurgs AI ଏହାର AI-ଚାଳିତ ବୁଦ୍ଧିମତା ପ୍ଲାଟଫର୍ମଗୁଡ଼ିକର ବିଶ୍ୱବ୍ୟାପୀ ପ୍ରସାରକୁ ତ୍ୱରାନ୍ୱିତ କରିବା ପାଇଁ ୨.୨ ନିୟୁତ USD ସଂଗ୍ରହ କରିଛି। ଏହି ରାଉଣ୍ଡର ନେତୃତ୍ୱ ପ୍ରଭେଗା ଭେଞ୍ଚର୍ସ (Pravega Ventures) ଏବଂ ଶାସ୍ତ୍ର ଭିସି (Shastra VC) ନେଇଥିଲେ, ଯେଉଁଥିରେ ଏଞ୍ଜେଲ ନିବେଶକ, PlaySimple Games ର ସହ-ପ୍ରତିଷ୍ଠାତା ଶ୍ରୀଯୁକ୍ତ ସୂରଜ ନଲିନ୍ ଏବଂ ରଇକ୍ଷର ର ସହ-ପ୍ରତିଷ୍ଠାତା ଶ୍ରୀଯୁକ୍ତ ଯଶୱନ୍ତ ମଧୁସୂଦନ ଅଂଶଗ୍ରହଣ କରିଥିଲେ। Blurgs AI ର ପ୍ଲାଟଫର୍ମଗୁଡ଼ିକ ପ୍ରତିରକ୍ଷା, ଆନ୍ତର୍ଜାତୀୟ ସାମୁଦ୍ରିକ ଏବଂ ସଂରକ୍ଷଣ କ୍ଷେତ୍ର ଏବଂ ଭାରତୀୟ ନୌସେନା, ଭାରତୀୟ ତଟରକ୍ଷୀ, ଭାରତ DRDO ଲ୍ୟାବ୍ସ, ମୁମ୍ବାଇ ବନ୍ଦର କର୍ତ୍ତୃପକ୍ଷ, ଦୁବାଇ ମାରିଟାଇମ୍ ସିଟି ଏବଂ ଦି ନେଚର କଞ୍ଜରଭେନ୍ସି ଗ୍ରୁପ୍ ସମେତ ଭାରତର ସାର୍ବଜନୀନ କ୍ଷେତ୍ର ଇକୋସିଷ୍ଟମରେ ମିଶନ-ସଙ୍କଟପୂର୍ଣ୍ଣ ସଂଗଠନଗୁଡ଼ିକ ଦ୍ୱାରା ବିଶ୍ୱସ୍ତ। ଏହି କ୍ଲାଏଣ୍ଟ ତାଲିକା କ୍ଷେତ୍ର ଏବଂ ଭୌଗୋଳିକ କ୍ଷେତ୍ରଗୁଡ଼ିକୁ ବ୍ୟାପିଛି, ଏବଂ କମ୍ପାନୀ କୌଣସି ସଂସ୍ଥାଗତ ପାଣ୍ଠି ସଂଗ୍ରହ କରିବା ପୂର୍ବରୁ ନିର୍ମିତ ହୋଇଥିଲା। Blurgs AI ଦୁଇଟି ପରିପୂରକ ଡୋମେନ୍ ମଧ୍ୟରେ କାର୍ଯ୍ୟ କରେ। ବାଣିଜ୍ୟିକ ସାମୁଦ୍ରିକ କ୍ଷେତ୍ରରେ, ଏହାର ପ୍ଲାଟଫର୍ମଗୁଡ଼ିକ ବନ୍ଦର, ନୌବାହିନୀ, ଜାହାଜ ଏବଂ ମତ୍ସ୍ୟଚାଷ ପାଇଁ ବାସ୍ତବ-ସମୟ ଦୃଶ୍ୟମାନତା, ନିୟାମକ ସଂଯୋଜନ ଏବଂ ବିଶ୍ୱ ବାଣିଜ୍ୟକୁ ଆଧାର କରୁଥିବା ଶିଳ୍ପ ପାଇଁ କାର୍ଯ୍ୟଦକ୍ଷତା ଅପ୍ଟିମାଇଜେସନ୍ ସହିତ କାର୍ଯ୍ୟକ୍ଷମ ବୁଦ୍ଧିମତା ପ୍ରଦାନ କରେ। ପ୍ରତିରକ୍ଷା ଏବଂ ଜାତୀୟ ସୁରକ୍ଷା ଦିଗରେ, ସମାନ ବୈଷୟିକ କଠୋରତା ବିପଦ ଚିହ୍ନଟ, ଶତ୍ରୁଙ୍କ ଉପରେ ନଜର ରଖିବା ଏବଂ ନିରନ୍ତର କ୍ରସ୍-ଡୋମେନ୍ ପରିସ୍ଥିତିଗତ ସଚେତନତାକୁ କ୍ଷମତା ଦିଏ। Blurgs AI ଆଇଆଇଟି ମାଡ୍ରାସର ପୂର୍ବତନ ଛାତ୍ର ଶ୍ରୀଯୁକ୍ତ ରୋଶନ ରାଜ ମହାନ୍ତି ଏବଂ ଡକ୍ଟର ଅଭିନାଶ କୋରିଙ୍କ ଦ୍ୱାରା ପ୍ରତିଷ୍ଠିତ। ସହ-ପ୍ରତିଷ୍ଠାତା ଏବଂ ସିଇଓ ଶ୍ରୀଯୁକ୍ତ ରୋଶନ ଏକ ସାହସିକ 'ମେକ୍ ଇନ୍ ଇଣ୍ଡିଆ ଫର୍ ଦି ୱାର୍ଲ୍ଡ' ମିଶନକୁ ସମର୍ଥନ କରୁଛନ୍ତି, ଏହାସହିତ ପ୍ରମାଣିତ କରୁଛନ୍ତି ଯେ ବିଶ୍ୱ ବଜାର ପାଇଁ ବିଶ୍ୱସ୍ତରୀୟ ଡିପ୍-ଟେକ୍ ପ୍ଲାଟଫର୍ମ ଭାରତରୁ ନିର୍ମାଣ, ବୃଦ୍ଧି କରାଯାଇପାରିବ ଏବଂ ନେତୃତ୍ୱ ନିଆଯାଇପାରିବ।

'ମହାସାଗରଗୁଡ଼ିକ ପୂର୍ବ ଅପେକ୍ଷା ଅଧିକ ସଂଯୁକ୍ତ, ପ୍ରତିଦ୍ୱନ୍ଦ୍ୱୀ ଏବଂ ବାଣିଜ୍ୟିକ ଭାବରେ ଗୁରୁତ୍ୱପୂର୍ଣ୍ଣ ହେବାରେ ଲାଗିଛି,' ଶ୍ରୀ ରୋଶନ ରାଜ ମହାନ୍ତି ନିବେଶକମାନଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି। 'Blurgs AI ରେ, ଆମେ ବିଶ୍ୱାସ କରୁଛୁ ଯେ ସୁରକ୍ଷା ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ଭବିଷ୍ୟତ ବିଶ୍ୱସ୍ତ ବୁଦ୍ଧିମତ୍ତା ଉପରେ ନିର୍ଭର କରିବ ଯାହା ବାସ୍ତବ-ସମୟ ଭିତ୍ତିକ, ସ୍ଥିର ଏବଂ ନିର୍ଭରଯୋଗ୍ୟ। ଆମେ ଭାରତରୁ ଡିପ୍-ଟେକ୍ ପ୍ଲାଟଫର୍ମ ନିର୍ମାଣ କରୁଛୁ ଯାହା ଦେଶ, ଉଦ୍ୟୋଗ ଏବଂ ସମ୍ପ୍ରଦାୟକୁ ଭଲ ଭାବରେ ଦେଖିବା, ଶୀଘ୍ର ନିଷ୍ପତ୍ତି ନେବା ଏବଂ ଅଧିକ ଆତ୍ମବିଶ୍ୱାସର ସହିତ କାର୍ଯ୍ୟ କରିବାରେ ସାହାଯ୍ୟ କରେ।'

# କୋଟାକ୍ ପକ୍ଷରୁ ହୌସଲା ୨.୦ର ଶୁଭାରମ୍ଭ; ସାହସ ଓ ଦୃଢ଼ ବିଶ୍ୱାସ ଆବଶ୍ୟକ କରୁଥିବା ସ୍ୱପ୍ନକୁ ମିଳିବ ସମର୍ଥନ

ଭୁବନେଶ୍ୱର, ୮।୭ (ନି.ପ୍ର): କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ପକ୍ଷରୁ ଏହାର ବ୍ରାଣ୍ଡ ମଂଚ୍ଚର ଦ୍ୱିତୀୟ ସଂସ୍କରଣ ହୌସଲା ୨.୦ର ଶୁଭାରମ୍ଭ କରାଯାଇଛି। ଗତବର୍ଷ ଆରମ୍ଭ ହୋଇଥିବା ହୌସଲା ହେ ତୋ ହୋ ଜାୟେଗା ଚି'ାଧାରାକୁ ଆଗକୁ ବଢ଼ାଇ ଏହି ନୂତନ ପଦକ୍ଷେପ ନିଆଯାଇଛି।

ଯେତେବେଳେ କୋଟାକ୍ ୨୦୨୫ ମସିହାରେ ହୌସଲା ହେ ତୋ ହୋ ଜାୟେଗା ଆରମ୍ଭ କରିଥିଲା, ଏହା ଏକ ଏଭଳି ବିଶ୍ୱାସ ଉପରେ ଆଧାରିତ ଥିଲା ଯାହା ଆଧୁନିକ ଭାରତର ଆତ୍ମାକୁ ପ୍ରତିଫଳିତ କରେ - ଅର୍ଥାତ୍ ଆକାଂକ୍ଷା ବା ଉଚ୍ଚ ଆଶା ଆଜି ଦେଶର ସବୁଠାରୁ ଶକ୍ତିଶାଳୀ ପ୍ରେରଣା ପାଲଟିଛି। ବିଭିନ୍ନ ବୃତି ମଧ୍ୟରେ, ସହର ଏବଂ ପିଢ଼ିର ଭାରତୀୟମାନେ ଆଜି ବଡ଼ ସ୍ୱପ୍ନ ଦେଖୁଛନ୍ତି, ଉଚ୍ଚ ଲକ୍ଷ୍ୟ ରଖୁଛନ୍ତି ଏବଂ ଏଭଳି ସମ୍ଭାବନା ଗୁଡ଼ିକ ବିଷୟରେ ଚିନ୍ତା କରୁଛନ୍ତି, ଯାହା ବୋଧହୁଏ ପୂର୍ବ ପିଢ଼ିର ଲୋକମାନେ କେବେ ଭାବି ନଥିଲେ।

ହୌସଲା ୨.୦ ମାଧ୍ୟମରେ କୋଟାକ୍, ଲୋକଙ୍କ ମନରେ ରହିଥିବା ସ୍ୱପ୍ନକୁ ପୂରଣ କରିବା ପାଇଁ ଆବଶ୍ୟକ ହେଉଥିବା ସାହସ ଏବଂ ଦୃଢ଼ ବିଶ୍ୱାସ ଉପରେ ଆଲୋଚନା କରିଛି। ଯଦିଓ ଉଚ୍ଚ ଆଶା ବା ସ୍ୱପ୍ନ ପ୍ରଚୁର ପରିମାଣରେ ରହିଛି, ତଥାପି ପ୍ରକୃତ ପ୍ରଗତି ସେତେବେଳେ ସମ୍ଭବ ହୁଏ ଯେତେବେଳେ ସେଗୁଡ଼ିକ ଉପରେ କାର୍ଯ୍ୟ କରିବାକୁ ସାହସ ଥାଏ। କୋଟାକ୍‌ର ବିଶ୍ୱାସ ଯେ, ଲୋକମାନଙ୍କୁ ଆଉ ବଡ଼ ସ୍ୱପ୍ନ ଦେଖିବାର ଆବଶ୍ୟକତା ନାହିଁ, ବରଂ ସେଥିପାଇଁ ସାହସ ଓ ଦୃଢ଼ ବିଶ୍ୱାସର ଆବଶ୍ୟକତା ରହିଛି। ସେହି ଦୃଷ୍ଟିରୁ ହୌସଲା ହେଉଛି ଆକାଂକ୍ଷା (ସ୍ୱପ୍ନ) ଏବଂ କାର୍ଯ୍ୟାନୁଷ୍ଠାନ (ସଫଳତା) ମଧ୍ୟରେ ଏକ ସେତୁ ସଦୃଶ୍ୟ। 'କୋଟାକ୍ ଉଚ୍ଚାକାଂକ୍ଷାକୁ ସମର୍ଥନ କରେ। କୋଟାକ୍‌ରେ, ଆମେ ସାହସିକ ବ୍ୟବସାୟୀକ ନିଷ୍ପତି ଏବଂ ଅଭିବୃଦ୍ଧିର ଆକାଂକ୍ଷାକୁ ସାହାଯ୍ୟ କରିବାକୁ ଚାହୁଁ, ଯେଉଁ କଠିନ ନିଷ୍ପତି ଗୁଡ଼ିକରେ କିଛି ଅର୍ଥପୂର୍ଣ୍ଣ ସୃଷ୍ଟି କରିବାର ସାମର୍ଥ୍ୟ ଥାଏ,' ମତବ୍ୟକ୍ତ କରି କହିଛନ୍ତି ରୋହିତ ଭାସିନ, ପ୍ରେସିଡ଼େଂଟ, ହେଡ଼ - ବିଜିନେଓ ବ୍ୟାକିଙ୍ଗ ଏବଂ ଚ଼ିଫ ମାର୍କେଟିଙ୍ଗ ଅଫିସର, କୋଟାକ୍ ମହେନ୍ଦ୍ରା ବ୍ୟାଙ୍କ। ସେ ଆହୁରି ମଧ୍ୟ କହିଛନ୍ତି, 'ଭାରତୀୟ ମାନେ ସେମାନଙ୍କର ସବୁଠାରୁ ବଡ଼ ଚ଼ିନ୍ତାଧାରା ବା ଧାରଣା ଗୁଡ଼ିକୁ ବାସ୍ତବତାରେ ରୂପାନ୍ତରିତ ହେବାର ଦେଖିବାକୁ ଚାହାଁନ୍ତି। କିନ୍ତୁ କାର୍ଯ୍ୟକାରୀ କରିବା ପୂର୍ବରୁ ଯେଉଁ ଦ୍ୱିଧା ଆସିଥାଏ, ତାହା ପ୍ରାୟତଃ ଏହି ବାଟରେ ପ୍ରତିବନ୍ଧକ ସାଜିଥାଏ। ଆମେ ସେହି ଦ୍ୱିଧାର ସେତୁ ପାର କରିବାରେ ଏବଂ ସେହି ଧାରଣା ଗୁଡ଼ିକୁ ସାକାର କରିବା ପାଇଁ ପଦକ୍ଷେପ ନେବାରେ ଲୋକଙ୍କୁ ସାହାଯ୍ୟ କରିବାକୁ ଚାହୁଁ। ଯଦି ଆପଣଙ୍କ ପାଖରେ କୌଣସି ବଡ଼ ବା ସାହାସିକ ସ୍ୱପ୍ନ ଅଛି, ତେବେ ତାହାକୁ ଗଢ଼ିବାରେ ଆମେ ଆପଣଙ୍କୁ ସାହାଯ୍ୟ କରିବାକୁ ଏଠାରେ ପ୍ରସ୍ତୁତ ଅଛୁ।'




'ଆଜିର ଭାରତରେ ମହତ୍ୱାକାଂକ୍ଷା ପ୍ରଚୁର ମାତ୍ରାରେ ଅଛି। ଦୃଢ଼ ବିଶ୍ୱାସ ହିଁ ମହତ୍ୱାକାଂକ୍ଷୀକୁ କାର୍ଯ୍ୟରେ ପରିଣତ କରେ' ବୋଲି ମତବ୍ୟକ୍ତ କରି କହିଛନ୍ତି, ରାମକୃଷ୍ଣ ଦେଶୀରାଜୁ, ସିଇଓ, କାର୍ଟହ୍ୱିଲ କ୍ରିଏଟିଭ୍ କନସଲଟାନ୍ସି। 'ଲୋକମାନେ ପ୍ରାୟତଃ ସେମାନେ ଯିବାକୁ ଚାହୁଁଥିବା ପଥ ବିଷୟରେ ଜାଣିଥାନ୍ତି, କିନ୍ତୁ ନିଷ୍ପତି ନେବା ସମୟରେ ସଂକୋଚ଼ ବା ଦ୍ୱନ୍ଦ ପ୍ରକାଶ କରନ୍ତି। ହୌସଲା ୨.୦ ଏହି ମାନବୀୟ ସତ୍ୟ ଏବଂ ବିଶ୍ୱାସ ଉପରେ ଆଧାରିତ ଯେ, ଯେତେବେଳେ ବ୍ୟକ୍ତି ସଂକୋଚ଼ ବଦଳରେ କାର୍ଯ୍ୟକୁ ବାଛିଥାଏ ସେତେବେଳେ ହିଁ ପ୍ରକୃତ ପ୍ରଗତି ଆରମ୍ଭ ହୁଏ।

ବିଶେଷକରି, କୋଟାକ୍ ବିଶ୍ୱାସ କରେ ଯେ ଭାରତୀୟ ମାନେ ଏବେ ବଡ଼ ସ୍ତରରେ ନିର୍ମାଣ ଓ ସୃଜନ ଚାହୁଁଛନ୍ତି - ତାହା ବର୍ତ୍ତମାନ ଆମଦାନୀ ବା ଏକତ୍ରିତ କରାଯାଉଥିବା ସାମଗ୍ରୀକୁ ଭାରତରେ ତିଆରି କରିବା ହେଉ, କିମ୍ବା ଦେଶର ଆତ୍ମନିର୍ଭରଶୀଳତା ଅଭିଯାନରେ ଯୋଗଦାନ ଦେବା ହେଉ ବା ବଦଳୁଥିବା ବିଶ୍ୱ ଅର୍ଥନୈତିକ ବ୍ୟବସ୍ଥାରୁ ସୃଷ୍ଟି ହେଉଥିବା ସୁଯୋଗ ଗୁଡ଼ିକର ସଦୃପଯୋଗ କରିବା ହେଉ।

# ମେକମାଇଁଟ୍ରିପ ପକ୍ଷରୁ ୱାନସର୍କଲର ଶୁଭାରମ୍ଭ

ଭୁବନେଶ୍ୱର, ୮।୭ (ନି.ପ୍ର) : ମେକମାଇଁଟ୍ରିପ ଭାରତୀୟ ପର୍ଯ୍ୟଟକ ମାନଙ୍କୁ ଦୃଷ୍ଟିରେରଖି ୱାନସର୍କଲ ନାମକ ଏକ ଗ୍ଲୋବାଲ ରିୱାର୍ଡ଼ସ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି। ଏହା ଏକ ସହଯୋଗୀ ନେଟୱାର୍କ ମାଧ୍ୟମରେ ସାରା ବିଶ୍ୱର ୧୦୦୨ଟି ସହରରେ ଥିବା ହୋଟେଲ ଏବଂ ବିକଳ୍ପ ରହଣିସ୍ଥଳୀ ସମେତ ୧୩,୩୭୬ଟି ସମ୍ପତିକୁ (୩୦ଜୁନ, ୨୦୨୬ ସୁଦ୍ଧା) ଏକ ମଂଚକୁ ଆଣିଛି। ୱାନସର୍କଲ ବ୍ୟାପକ ସ୍ତରରେ ଶୁଭାରମ୍ଭ ହୋଇଛି, ଯାହା ଭାରତର ୮୬୮ଟି ସହରକୁ ସାମିଲ କରିବାସହ ଦେଶର ୧୨,୩୩୦ରୁ ଅଧିକ ଆବାସସ୍ଥଳୀ ସମ୍ପତିକୁ ଏହି ଗୋଟିଏ ରିୱାର୍ଡ଼ କାର୍ଯ୍ୟକ୍ରମ ଅଧିନକୁ ଆଣିଛି। ଆନ୍ତର୍ଜାତୀୟ ସ୍ତରରେ, ଏହି କାର୍ଯ୍ୟକ୍ରମଟି ୩୯ଟି ଦେଶର ୧୩୪ଟି ଗନ୍ତବ୍ୟସ୍ଥଳକୁ ଅନ୍ତର୍ଭୁକ୍ତ କରି ୧୦୪୬ଟି ସମ୍ପତି ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ରାଜେଶ ମାଗୋ, ଏକ୍‌ଜିକ୍ୟୁଟିଭ ଡ଼ିରେକ୍ଟର ତଥା ଗ୍ରୁପ ସିଇଓ, ମେକମାଇଁଟ୍ରିପ ଏ ସମ୍ପର୍କରେ ମତବ୍ୟକ୍ତକରି କହିଛନ୍ତି, 'ୱାନସର୍କଲ ଏକ ସରଳ ଚିନ୍ତାଧାରା ଉପରେ ଆଧାରିତ: ପ୍ରତ୍ୟେକ ଯାତ୍ରା ପର୍ଯ୍ୟଟକଙ୍କ ପାଇଁ ଅଧିକ ଲାଭଦାୟକ ହେବା ଉଚିତ୍ ଏବଂ ପ୍ରତ୍ୟେକ ରହଣିସ୍ଥଳୀ ସହଯୋଗୀଙ୍କ ପାଖରେ ଏହାକୁ ଏକ ସ୍ଥାୟୀ ବ୍ୟବସାୟରେ ପରିଣତ କରିବାର ମାଧ୍ୟମ ରହିବା ଉଚିତ୍। ଯାତ୍ରୀମାନଙ୍କ ପାଇଁ, ଏହାର ଅର୍ଥ ହେଉଛି ଦେଶରେହେଉ ଅବା ବିଦେଶରେ, ପ୍ରତ୍ୟେକ ରହଣିରେ ପ୍ରକୃତ ମୂଲ୍ୟ ବା ରିୱାର୍ଡ଼ ପାଇବା। ଆମର ସହଯୋଗୀ ମାନଙ୍କ ପାଇଁ, ଏହା ଚାହିଦାର ଏକ ନୂଆ ମାଧ୍ୟମ ସୃଷ୍ଟିକରେ ଏବଂ ପୁନର୍ବାର ଆସୁଥିବା ଅତିଥି ମାନଙ୍କ ସହ ମଧୁର ସମ୍ପର୍କ ଗଢ଼ିବାର ସୁଯୋଗ ଦିଏ। ୱାନସର୍କଲ ରହିଥିବା ସ୍ୱାଧୀନ ହୋଟେଲଠାରୁ ଆରମ୍ଭକରି ହୋମଷ୍ଟେ ଏବଂ ଭିଲା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ସହଯୋଗୀ ସମ୍ପତିକୁ ଏକାଠି କରିଛି, ଯେଉଁଥିରେ ଆରାମଦାୟକ, ପ୍ରିମିୟମ ଏବଂ ବଜେଟ ବର୍ଗ ସାମିଲ ରହିଛି। ଏହା ଯାତ୍ରୀମାନଙ୍କୁ ସେମାନଙ୍କର ପସନ୍ଦ ଏବଂ ବଜେଟ ଅନୁଯାୟୀ ରହଣୀ ଚୟନ କରିବାର ସୁବିଧା ପ୍ରଦାନ କରେ। ଯାତ୍ରୀମାନେ ପ୍ରତ୍ୟେକ ବୁକିଙ୍ଗରେ ସେମାନଙ୍କର ରହଣି ଖର୍ଚ୍ଚରେ ଅନ୍ୟୁନ ୧୦% ରିୱାର୍ଡ଼ ପଏଂଟ ଆକାରରେ ଫେରସ୍ତ ପାଇବେ, ଯାହାକୁ ସେମାନେ ଏହି ନେଟୱାର୍କ ମଧ୍ୟରେ ଥିବା ଯେକୌଣସି ସ୍ଥାନରେ ସେମାନଙ୍କର ପରବର୍ତି ରହଣି ପାଇଁ ବ୍ୟବହାର କରିପାରିବେ। ଏହି କାର୍ଯ୍ୟକ୍ରମଟି ମୁଖ୍ୟତଃ ଅଣ-ମେଟ୍ରୋ ବଜାର ଉପରେ ଅଧିକ କେନ୍ଦ୍ରିଭୂତ, ଯାହା ଭାରତର ଘରୋଇ ପର୍ଯ୍ୟଟନ ଅଭିବୃଦ୍ଧିକୁ ଆଗକୁ ବଢ଼ାଉଛି।

# କୀୱେ ପକ୍ଷରୁ ନୂଆ ଇଲେକ୍ଟ୍ରିକ ସ୍କୁଟର ହାଇପଭୋଲ୍ଟ-ଆର୍ ର ଶୁଭାରମ୍ଭ

ଭୁବନେଶ୍ୱର, ୮।୭ (ନି.ପ୍ର): କୀୱେ ଇଣ୍ଡିଆ ପକ୍ଷରୁ ଏହାର ବହୁପ୍ରତିକ୍ଷୀତ ଇଲେକ୍‌ଟ୍ରିକ ସ୍କୁଟର କୀୱେ ହାଇପଭୋଲ୍ଟ-ଆର୍‌ର ଶୁଭାରମ୍ଭ କରାଯାଇଛି, ଯାହା ଭାରତର ପ୍ରିମିୟମ ପର୍‌ଫର୍ମାନ୍ସ ଇଲେକ୍‌ଟ୍ରିକ ସ୍କୁଟର ସେଗମେଂଟରେ ବ୍ରାଣ୍ଡର ପ୍ରବେଶକୁ ସୂଚିତ କରୁଛି। ମାତ୍ର ୧୯୯,୦୦୦ ଟଙ୍କା (ଏକ୍ସଶୋ'ରୁମ)ର ପ୍ରାରମ୍ଭିକ ମୂଲ୍ୟରେ ହାଇପଭୋଲ୍ଟ-ଆର କ୍ରିଷ୍ଟାଲ ହ୍ୱାଇଟ ଓ ପ୍ଲାଟିନମ ଗ୍ରେ କଲରରେ ଉପଲବ୍ଧ। ଗ୍ରାହକମାନେ ଏହି ସ୍କୁଟରକୁ କୀୱେ ଇଣ୍ଡିଆର ଅଫିସିଆଲ ୱେବସାଇଟ ମାଧ୍ୟମରେ ମାତ୍ର ୫୦୦୦ ଟଙ୍କାରେ ଅନ୍‌ଲାଇନରେ ବୁକ୍ କରିପାରିବେ। ହାଇପଭୋଲ୍ଟ-ଆରର କେନ୍ଦ୍ରରେ ଏକ ୫ କେଡବ୍ଲ୍ୟୁଏଚ ଡୁଆଲ ବ୍ୟାଟେରୀ ଆର୍କିଟେକ୍‌ଚର ରହିଛି ଯାହା ୧୮୦ କିମିର ଏକ ଆଇଡିସି-ସାର୍ଟିଫାଏଡ ରାଇଡିଙ୍ଗ ରେ ପ୍ରଦାନ କରୁଛି। ଏଥିରେ ରିମୁଭେବୁଲ ବ୍ୟାଟେରୀ ପ୍ୟାକ୍ ରହିଛି ଯାହାକୁ ସୁବିଧାରେ ଯାନରେ କିମ୍ବା ଯାନ ବାହାରେ ଚାର୍ଜ କରାଯାଇପାରିବ। ଏହାର ବ୍ୟାଟେରୀ ସିଷ୍ଟମ ଇନ୍-ଭେଇକିଲ ଚାର୍ଜିଙ୍ଗକୁ ସପୋର୍ଟ କରୁଥିବାବେଳେ ଏହା ପ୍ରାୟ ୩ ଘଂଟାରେ ୦-୮୦% ଚାର୍ଜିଙ୍ଗ ହାସଲ କରିଥାଏ, ଯାହା ସୁବିଧା ବୃଦ୍ଧି କରିବା ସହ ବହୁମାତ୍ରାରେ ଡାଉନଟାଇମ ହ୍ରାସ କରିଥାଏ। କୀୱେ ହାଇପଭୋଲ୍ଟ-ଆର ପାଇଁ ବୁକିଙ୍ଗ ଏବେ କୀୱେ ଇଣ୍ଡିଆର ଦେଶବ୍ୟାପୀ ୪୦ରୁ ଅଧିକ ଅଥୋରାଇଜ୍‌ଡ ଡିଲରସିପରେ ଏବଂ ଅନ୍‌ଲାଇନରେ ଖୋଲା ରହିଛି ଏବଂ ଏହାର ଡେଲିଭରି ଖୁବ୍‌ଶୀଘ୍ର ଆରମ୍ଭ ହେବ। ଏହାର ଶୁଭାରମ୍ଭ ଅବସରରେ କୀୱେ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ, ବିକାଶ ଝାବଖ୍ କହିଛନ୍ତିଯେ, 'ହାଇପଭୋଲ୍ଟ-ଆର ଭାରତରେ କୀୱେର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାର ପ୍ରତିନିଧିତ୍ୱ କରୁଛି। ହାଇପଭୋଲ୍ଟ-ଆର ସହିତ ଆମେ ଏକ ପ୍ରିମିୟମ ଇଲେକ୍‌ଟ୍ରିକ ସ୍କୁଟର ସୃଷ୍ଟି କରିଛୁ ଯାହା ରୋମାଂଚକର ଆକ୍‌ସିଲରେଶନ, ଇଂଟେଲିଜେଂଟ ରାଇଡର ଟେକ୍ନୋଲୋଜି ଓ ଚମତ୍କାର ବ୍ୟବହାର କ୍ଷମତା ପ୍ରଦାନ କରୁଛି। ଆମେ ବିଶ୍ୱାସ କରୁଛୁ ଯେ, ଏହା ଭାରତରେ ପର୍‌ଫର୍ମାନ୍ସ ଇଲେକ୍‌ଟ୍ରିକ ସ୍କୁଟରରୁ ଥିବା ଆକାଂକ୍ଷାକୁ ପୂରଣ କରିବ।




## ରକ୍ତ ପରୀକ୍ଷା ମାଧ୍ୟମରେ ପ୍ରାରମ୍ଭିକ କର୍କଟ ରୋଗ ଚିହ୍ନଟ ହେବ, ରିଲାଏନ୍ସର ଷ୍ଟ୍ରାଣ୍ଡ ଲାଇଫ୍ ସାଇନସ୍ସେ କୁ ମିଳିଲା ପେଟେଣ୍ଟ

ବେଙ୍ଗାଲୁରୁ, ୮।୭ (ନି.ପ୍ର) : ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ସହାୟକ କମ୍ପାନୀ ଷ୍ଟ୍ରାଣ୍ଡ ଲାଇଫ୍ ସାଇନସ୍ସେକୁ ଏଭଳି ଏକ ପ୍ରଯୁକ୍ତି ପାଇଁ ଭାରତୀୟ ପେଟେଣ୍ଟ ମିଳିଛି ଯାହା ଜରିଆରେ କେବଳ ରକ୍ତ ନମୁନା ବ୍ୟବହାର କରି ପ୍ରାରମ୍ଭିକ ପର୍ଯ୍ୟାୟରେ କର୍କଟ ରୋଗ ଚିହ୍ନଟ ତଥା ଏହାର ସମ୍ଭାବ୍ୟ ଉତ୍ପତ୍ତି ଚିହ୍ନଟ କରିବାରେ ସହାୟତା ମିଳିବ। ଏହି ପ୍ଲାଟଫର୍ମ ସେଲ-ଫ୍ରି ଡିଏନଏ ବିଶ୍ଳେଷଣ କରିଥାଏ ଏବଂ ଏଥିରେ ଜିନୋମ୍ ସିକ୍ୱେନ୍ସିଂ, ବାୟୋଲୋଜିକାଲ ଡାଟା ଆନାଲିସିସ ଏବଂ ମେସିନ୍ ଲର୍ଣ୍ଣିଂ ବ୍ୟବହାର ହୋଇଥାଏ। କମ୍ପାନୀ ଅନୁଯାୟୀ, ଏହି ପ୍ରଯୁକ୍ତିର ପ୍ରମୁଖ ବୈଶିଷ୍ଟ୍ୟ ହେଉଛି କର୍କଟ ରୋଗ ସହିତ ଜଡିତ ଡିଏନଏ ପ୍ୟାଟର୍ନରେ ପରିବର୍ତ୍ତନକୁ ଚିହ୍ନଟ କରିବାର କ୍ଷମତା, ଯାହା ଦ୍ୱାରା ରୋଗର ପ୍ରାରମ୍ଭିକ ସମୟରେ ଚିହ୍ନଟ କରାଯାଇପାରିବ ଏବଂ ରୋଗୀମାନଙ୍କୁ ଉନ୍ନତ ଚିକିତ୍ସାର ଏକ ଉତ୍ତମ ସୁଯୋଗ ମିଳିପାରିବ। ବର୍ତ୍ତମାନ ସମୟରେ ବହୁ ସଂଖ୍ୟକ ରୋଗୀଙ୍କଠାରେ କର୍କଟ ରୋଗ ଗୁରୁତର ଅବସ୍ଥାରେ ହିଁ ଚିହ୍ନଟ ହେଉଛି। ଷ୍ଟ୍ରାଣ୍ଡ ଲାଇଫ୍ ସାଇନସ୍ସେ ର ସିଇଓ ରମେଶ ହରିହରନ୍ କହିଛନ୍ତି ଯେ ଏହି ପେଟେଣ୍ଟ ଏଆଇ-ଆଧାରିତ ତରଳ ବାୟୋପସି ପ୍ରଯୁକ୍ତି ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କମ୍ପାନୀ ଏପରି ସମାଧାନ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି ଯାହା କର୍କଟ ରୋଗ ସ୍କ୍ରିନିଂକୁ ଅଧିକ ସଠିକ, ବ୍ୟାପକ ଭାବରେ ଉପଯୋଗ କ୍ଷମତା ଏବଂ ସୁଲଭ କରିପାରିବ।

# ଆଇଆଇଏମଟିରେ ଶିକ୍ଷଣ-ଫଳାଫଳ ଭିତ୍ତିକ ଶିକ୍ଷା ଓ ଏନବିଏ ମାନ୍ୟତା ଉପରେ ଜାତୀୟ କର୍ମଶାଳା

ଭୁବନେଶ୍ୱର, ୮।୭ (ନି.ପ୍ର) : ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମ୍‌ଟି), ଭୁବନେଶ୍ୱର ଠାରେ 'ଶିକ୍ଷଣ-ଫଳାଫଳ ଭିତ୍ତିକ ଶିକ୍ଷା ଏବଂ ଜାତୀୟ ମାନ୍ୟତା ପ୍ରଦାନ ବୋର୍ଡ (ଏନବିଏ) ମାନ୍ୟତା: ଗୁଣାତ୍ମକ ଇଞ୍ଜିନିୟରିଂ ଶିକ୍ଷା ଦିଗରେ ଏକ ରଣନୈତିକ ରୂପରେଖା' ଶୀର୍ଷକ ପାଞ୍ଚଦିନିଆ ଅନଲାଇନ୍ କର୍ମଶାଳାର ଶୁଭାରମ୍ଭ ହୋଇଯାଇଛି। ଜୁଲାଇ ୭ରୁ ଜୁଲାଇ ୧୧, ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଏହି କର୍ମଶାଳାର ମୂଳ ଉଦ୍ଦେଶ୍ୟ ହେଉଛି ଅଧ୍ୟାପକମାନଙ୍କ ମଧ୍ୟରେ ଶିକ୍ଷଣ-ଫଳାଫଳ ଭିତ୍ତିକ ଶିକ୍ଷା (ଓବିଇ) ଏବଂ ଜାତୀୟ ମାନ୍ୟତା ପ୍ରଦାନ ବୋର୍ଡ (ଏନବିଏ) ମାନ୍ୟତା ପ୍ରଦାନ ବ୍ୟବସ୍ଥା ସମ୍ପର୍କରେ ସମ୍ୟକ୍ ଜ୍ଞାନ ଓ ବୁଝାମଣାର ବିକାଶ ଘଟାଇ ଉଚ୍ଚଶିକ୍ଷାରେ ଗୁଣାତ୍ମକ ନିଶ୍ଚିତତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା। ଉଦ୍ଘାଟନୀ ଅଧିବେଶନରେ ଆଇଆଇଏମ୍‌ଟିର ଅଧ୍ୟକ୍ଷ ପ୍ରଫେସର (ଡ଼.) ଶ୍ରୀକାନ୍ତ ପଟ୍ଟନାୟକ ଉଦବୋଧନ ପ୍ରଦାନ କରି ଉଚ୍ଚଶିକ୍ଷାରେ ଗୁଣାତ୍ମକ ମାନଦଣ୍ଡର ଗୁରୁତ୍ୱ ଏବଂ ଜାତୀୟ ମାନ୍ୟତା ବ୍ୟବସ୍ଥା ସହ ଶିକ୍ଷାନୁଷ୍ଠାନଗୁଡ଼ିକର ସାମଞ୍ଜସ୍ୟ ସ୍ଥାପନର ଆବଶ୍ୟକତା ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଆଇଆଇଏମ୍‌ଟିର ନିର୍ଦ୍ଦେଶକ ପ୍ରଫେସର (ଡ଼.) ଜୟଦେବ କର ସ୍ୱାଗତ ଭାଷଣ ପ୍ରଦାନ କରି ମୁଖ୍ୟ ବିଷୟ ବିଶେଷଜ୍ଞ ତଥା ଉପସ୍ଥିତ ସମସ୍ତ ଅଧ୍ୟାପକ-ଅଧ୍ୟାପିକାଙ୍କୁ ସ୍ୱାଗତ ଜଣାଇଥିଲେ। ଏହି କର୍ମଶାଳାର ମୁଖ୍ୟ ବିଷୟ ବିଶେଷଜ୍ଞ ଭାବେ ଜି ଏଲ ଏ ବିଶ୍ୱବିଦ୍ୟାଳୟ, ମଥୁରାର ଆନ୍ତର୍ଜାତୀୟ ସମ୍ପର୍କ ଏବଂ ଶୈକ୍ଷଣିକ ସହଯୋଗ ବିଭାଗର ଡିନ୍ ତଥା କମ୍ପ୍ୟୁଟର ଇଞ୍ଜିନିୟରିଂ ଏବଂ ପ୍ରୟୋଗ ବିଭାଗର ପ୍ରଫେସର ପ୍ରଫେସର ଦିଲୀପ କୁମାର ଶର୍ମା ଯୋଗଦେଇଛନ୍ତି। କର୍ମଶାଳାର ପ୍ରଥମ ଦିନରେ ପ୍ରଫେସର ଶର୍ମା ଶିକ୍ଷଣ-ଫଳାଫଳ ଭିତ୍ତିକ ଶିକ୍ଷା (ଓବିଇ) ଏବଂ ଏନବିଏ ମାନ୍ୟତା ସମ୍ପର୍କରେ ଏକ ବ୍ୟାପକ ଉପସ୍ଥାପନା ପ୍ରଦାନ କରିଥିଲେ। କେବଳ ଇଞ୍ଜିନିୟରିଂ ଶିକ୍ଷା ନୁହେଁ, ପରିଚାଳନା ଶିକ୍ଷା କ୍ଷେତ୍ରରେ ମଧ୍ୟ ଗୁଣାତ୍ମକ ନିଶ୍ଚିତତାର ଭୂମିକା ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଉଲ୍ଲେଖ କରିଥିଲେ। ସେ 'ଗୁଣାତ୍ମକ ଇଞ୍ଜିନିୟରିଂ ତଥା ପରିଚାଳନା ଶିକ୍ଷା' ଧାରଣାକୁ ଉପସ୍ଥାପନ କରି ଶିକ୍ଷାଗତ ଉତ୍କର୍ଷତା ଏବଂ ଅନୁଷ୍ଠାନର ସାମଗ୍ରିକ କାର୍ଯ୍ୟଦକ୍ଷତା ବୃଦ୍ଧିରେ



ଓବେ କିପରି ସହାୟକ ହେଉଛି, ତାହା ବିସ୍ତୃତ ଭାବେ ବ୍ୟାଖ୍ୟା କରିଥିଲେ। ଏଥିସହିତ ସେ ଏନବିଏ ମାନ୍ୟତା ପ୍ରଦାନ ପ୍ରକ୍ରିୟା ସହ ସମ୍ପୃକ୍ତ ମୌଳିକ ଧାରଣା, ପରିଭାଷା, ମୂଲ୍ୟାଙ୍କନ ମାନଦଣ୍ଡ, ଗୁଣାତ୍ମକ ମାପକ ଏବଂ ମୂଲ୍ୟାୟନ ପ୍ରକ୍ରିୟା ସମ୍ପର୍କରେ ଅଂଶଗ୍ରହଣକାରୀ ଅଧ୍ୟାପକମାନଙ୍କୁ ସବିଶେଷ ଅବଗତ କରାଇଥିଲେ। ଫଳସ୍ୱରୂପ, ଉପସ୍ଥିତ ଅଧ୍ୟାପକମାନେ ଏନବିଏ ମାନ୍ୟତା ପ୍ରକ୍ରିୟା ସମ୍ପର୍କରେ ଏକ ସ୍ପଷ୍ଟ ଓ ସମଗ୍ର ଧାରଣା ଲାଭ କରିଥିଲେ। କର୍ମଶାଳାର ଇଣ୍ଟରାକ୍ଟିଭ୍ ଅଧିବେଶନଗୁଡ଼ିକରେ ସମସ୍ତ ଅଧ୍ୟାପକ-ଅଧ୍ୟାପିକାଙ୍କର ସକ୍ରିୟ ଓ ଉତ୍ସାହଜନକ ଅଂଶଗ୍ରହଣ ଆଇଆଇଏମ୍ ?ଟିର ଶିକ୍ଷାଗତ ଉତ୍କର୍ଷତା ଏବଂ ନିରନ୍ତର ଗୁଣାତ୍ମକ ଉନ୍ନତି ପ୍ରତି ଦୃଢ଼ ପ୍ରତିବଦ୍ଧତାର ପରିଚୟ ଥିଲା। ଏହି କର୍ମଶାଳାର ସଂଯୋଜନା ଦାୟିତ୍ୱ ବାଣିଜ୍ୟ ପ୍ରଶାସନ ବିଭାଗର ସହକାରୀ ପ୍ରଫେସର ଶ୍ରୀ ଆଲୋକ ଅରୁଣ ତୁଲାଇଥିଲେ। ତାଙ୍କ ତତ୍ତ୍ୱାବଧାନରେ ଉଦ୍ଘାଟନୀ ଅଧିବେଶନ ଏବଂ ବୈଷୟିକ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ଆଗାମୀ ଚାରିଦିନ ଧରି ଆୟୋଜିତ ହେବାକୁ ଥିବା ଅଧିବେଶନଗୁଡ଼ିକରେ ଶିକ୍ଷଣ-ଫଳାଫଳ ଭିତ୍ତିକ ଶିକ୍ଷାର ବ୍ୟବହାରିକ କାର୍ଯ୍ୟାନ୍ୱୟନ, ଏନବିଏ ମାନ୍ୟତା ପାଇଁ ପ୍ରସ୍ତୁତି, ଆବଶ୍ୟକ ଦଲିଲ ପ୍ରସ୍ତୁତି ମୂଲ୍ୟାଙ୍କନ କୌଶଳ ଏବଂ ଉଚ୍ଚଶିକ୍ଷାରେ ସ୍ଥାୟୀ ଗୁଣାତ୍ମକ ଉନ୍ନତି ସୁନିଶ୍ଚିତ କରିବା ପାଇଁ ଉତ୍ତମ ଅଭ୍ୟାସ ସମ୍ପର୍କରେ ବିସ୍ତୃତ ଆଲୋଚନା ଓ ପ୍ରଶିକ୍ଷଣ ପ୍ରଦାନ କରାଯିବ।



# ୬.୯୭ ଗ୍ରାମ ବ୍ରାଉନ ସୁଗାର ଜବତ : ୪ ଗିରଫ



ଛେଣ୍ଡିପଦା, ୮।୭ (ନି.ପ୍ର): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଜରପଡା ଥାନା ପୋଲିସ ପ୍ରଶାସନ ପକ୍ଷରୁ ଅପରେସନ ପ୍ରହାର ମାଧ୍ୟମରେ ସ୍ଥାନୀୟ ଜରପଡା ମା ବୁଢ଼ୀ ଠାକୁରାଣୀ ମନ୍ଦିର ନିକଟରେ ଚଢ଼ାଉ କରି ୬.୯୭ ଗ୍ରାମ ବ୍ରାଉନ ସୁଗାର୍ ଜବତ କରାଯାଇଛି । ଜବତ ବ୍ରାଉନ ସୁଗାର ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଏଥି ସହ ଘଟଣା ସ୍ଥଳରୁ ୪ଟି ମୋବାଇଲ, ୨ଟି ବାଇକ ଏବଂ ନଗଦ ୨୪୯୦ ଟଙ୍କା ସଂପୃକ୍ତ ଅଭିଯୁକ୍ତ ଙ୍କ ଠାରୁ ଜବତ କରାଯାଇଛି । ଏହି ବେଆଇନ ନିଶା କାରବାରରେ ସମ୍ପୃକ୍ତ ୪ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ଏକ ଏନ ଡି ପି ଏସ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଜରପଡା ଗ୍ରାମର ସାଗର ସାହୁ (୨୫ ବର୍ଷ), ତୁବେ ଗ୍ରାମର ଜୟକୃଷ୍ଣ ସାହୁ (୪୩ ବର୍ଷ), ଜରଡା ଗ୍ରାମର ପରେଶ ଚନ୍ଦ୍ର ପ୍ରଧାନ (୨୮ ବର୍ଷ) ଏବଂ ତୁବେ ଗ୍ରାମର ପପୁ ଦେହୁରୀ (୩୮ ବର୍ଷ) ବୋଲି ପୋଲିସ ସୂତ୍ରରୁ ପ୍ରକାଶ । ଏହି ଚଢ଼ାଉରେ ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ, ଇନସ୍ପେକ୍ଟର ରିନାସାହୁ, ସବ୍ ଇନସ୍ପ ?କ୍ଟର ଲଳିତ ମୋହନ ବିଶ୍ୱାଳ, ଏ ଏସ ଆଇ ସଞ୍ଜୟ କୁମାର ନାୟକ, ଏ ଏସ ଆଇ ଚାମ୍ପୁ ଚରଣ ମହନ୍ତ ଙ୍କ ସମେତ ସମସ୍ତ କର୍ମଚାରୀ ମାନେ ସାମିଲ୍ ହୋଇଥିଲେ ।

# ପାରାଦୀପ ଗୋସେବା ସଙ୍ଗଠନ ପ୍ରଥମ ସାଙ୍ଗଠନିକ ବୈଠକ

## ଗୋମାତାଙ୍କ ସୁରକ୍ଷା ପାଇଁ ଉପଦେଷ୍ଟା କ୍ଷୀରୋଦ ଚନ୍ଦ୍ର ସ୍ୱାଇଁଙ୍କ ଆହ୍ୱାନ



ପାରାଦୀପ, ୮।୭ (ନି.ପ୍ର): ଗୋମାତାମୁ ନେଇ ସମଗ୍ର ଦେଶରେ ଏକ ବୈପ୍ଳବୀକ ଜାଗରଣ ସୃଷ୍ଟି ହୋଇଥିବା ବେଳେ ବିଭିନ୍ନ ସାମାଜିକ ଅନୁଷ୍ଠାନ ଗୋମାତାର ସୁରକ୍ଷା ପାଇଁ ଅନେକ ପଦକ୍ଷେପମାନ ନେଉଛନ୍ତି । ଗୋମାତାକୁ ଆମ ପୁରଣାରେ ମାଆ ଆଖ୍ୟା ଦିଆଯାଇଥିଲେ ସୁଦ୍ଧା ଗୋମାତାର ସୁରକ୍ଷା ଦିଗରେ ସମସ୍ତେ ଆଖି ବୁଜି ଦେଇଥାନ୍ତି । ଶିଳ୍ପ ଓ ବନ୍ଦର ସହର ପାରାଦୀପରେ ରାସ୍ତାଘାଟରେ ଗୋମାତାମାନେ ବୁଲାବୁଲି କରୁଛନ୍ତି । ରାସ୍ତାରେ ଯାଉଥିବା ଗାଡି ମୋଟର ଦୁର୍ଘଟଣାରେ ଅନେକ ଗୋମାତା ଆହତ ହୋଇଥାନ୍ତି । ଗ୍ରୀଷ୍ମ ଋତୁରେ ଗୋମାତାମାନେ ପିଇବା ପାଇଁ ପାଣି ପାଇ ନଥାନ୍ତି । ଏସବୁକୁ ଦୃଷ୍ଟିରେ ରଖି ପାରାଦୀପ ସହରର କିଛି ଯୁବକ ଏହି ଗୋମାତାଙ୍କ ସେବା କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ଏହି ଯୁବକମାନେ ପାରାଦୀପ ଗୋସେବା ସଙ୍ଗଠନ ନାମରେ ଏକ ସଙ୍ଗଠନ ଗଠନ କରିଛନ୍ତି । ଏହି ଗୋସେବା ସଙ୍ଗଠନର ପ୍ରଥମ ସାଙ୍ଗଠନିକ ବୈଠକ ସୋମବାର ଦିନ ସଂନ୍ଧ୍ୟାରେ ପାରାଦୀପ ବଡପଡିଆସ୍ଥିତ ବିଲଡିଂ ମାର୍କେଟ ପରିସରରେ ଆନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ତଥା ପାରାଦୀପ ପୋର୍ଟ ବଣିକ ସଂଘର ପୂର୍ବତନ ସଭାପତି କ୍ଷୀରୋଦ ଚନ୍ଦ୍ର ସ୍ୱାଇଁ ପୌରହିତ୍ୟ କରିଥିଲେ । ସଭାପତି ଭାବେ ବଜରଙ୍ଗ ପ୍ରସ୍ାଦ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର କୁମାର ବଳ, ଉପସଭାପତି ସତ୍ୟଜିତ ନାୟକ, ସାଧାରଣ ସମ୍ପାଦକ ସୁଜିତ କୁମାର ପରିଡା, କୋଷାଧ୍ୟକ୍ଷ ମୁରଲୀ ରାଓ ମନୋନୀତ ହୋଇଥିଲେ । ପାରାଦୀପର ବିଭିନ୍ନ ସ୍ଥାନରେ ଗୋମାତାଙ୍କ ନିମନ୍ତେ ଖାଦ୍ୟ, ଦୁର୍ଘଟଣା ପରେ ଚିକିତ୍ସା ସେବା ଯୋଗାଇ ଦେବାକୁ ସଦସ୍ୟମାନେ ନିଷ୍ପତ୍ତି ନେଇଥିଲେ । ସଙ୍ଗଠନର ଉପଦେଷ୍ଟା ମାନଓ ରଂଜନ ବିଶ୍ୱାଳ, ଯୁଧିଷ୍ଠିର ଲେଙ୍କା, ସୂର୍ଯ୍ୟ ସାହୁ, ଆଇନଜୀବୀ ଦେବବ୍ରତ ସାହୁ, ଅନୁପ କୁମାର ସାହାଣୀ, ଚୈତନ୍ୟ ସାହୁ, ଶରତ ସାହୁ, ବରିଷ୍ଠ ଆଇନଜୀବୀ ସଂଜୟ କୁମାର ମିଶ୍ର ପ୍ରମୁଖଙ୍କୁ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଯଦି କେହି ଗୋମାତାଙ୍କୁ ରଖି ସ୍ୱାର୍ଥ ହାସଲ ପରେ ଦାୟିତ୍ୱ ନନେଇ ଛାଡି ଦେବା ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇ କହିଛନ୍ତି ମୁଖ୍ୟ ଉପଦେଷ୍ଟା କ୍ଷୀରୋଦ ଚନ୍ଦ୍ର ସ୍ୱାଇଁ ।



# କୋଷ୍ଟଗାର୍ଡ ବାହିନୀ ଦ୍ୱାରା ଗଭୀର ସମୁଦ୍ରରୁ ଆନ୍ଧ୍ର ପ୍ରଦେଶର ୧୦ ମତ୍ସ୍ୟଜୀବୀ ସୁରକ୍ଷିତ ଭାବେ ଉଦ୍ଧାର

ପାରାଦୀପ, ୮।୭ (ନି.ପ୍ର): ପୁରୀ ଉପକୂଳରେ ସମୁଦ୍ର ଅଶାନ୍ତ ହେବାରୁ ଆନ୍ଧ୍ର ପ୍ରଦେଶର ଏକ ମାଛଧରା ବୋଟ୍ ବିପଦର ସମ୍ମୁଖୀନ ହୋଇଥିଲା । ପାରାଦୀପଠାରେ ଥିବା ଭାରତୀୟ କୋଷ୍ଟଗାର୍ଡ ଏସମ୍ପର୍କରେ ସୂଚନା ପାଇବା ପରେ ତୁରନ୍ତ ସେଠାରେ ପହଂଚି ସମସ୍ତ ମତ୍ସ୍ୟଜୀବୀମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିବା ନେଇ କୋଷ୍ଟଗାର୍ଡ ପାରାଦୀପ ଜିଲ୍ଲା ମୁଖ୍ୟାଳୟ-୭ ଦ୍ୱାରା ପ୍ରକାଶିତ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି । ଘଟଣାରୁ ପ୍ରକାଶଯେ, ଓଡିଶା ପୋଲିସ୍‌ର ଉପକୂଳ ସୁରକ୍ଷା ମୁଖ୍ୟାଳୟରୁ ଏକ ସୂଚନା କୋଷ୍ଟଗାର୍ଡ ବାହିନୀକୁ ମିଳିଥିଲା । ପୁରୀ ନିକଟରେ ଆନ୍ଧ୍ର ପ୍ରଦେଶର ଏକ ମାଛଧରା ବୋଟ୍ ପ୍ରତିକୂଳ ପାଗରେ ସମୁଦ୍ର ମଧ୍ୟରେ ଫସି ଯାଇଥିଲା । ଏହି ବୋଟ୍‌ରେ ୧୦ ଜଣ ମତ୍ସ୍ୟଜୀବୀ ଥିଲେ ଏବଂ ସିମାଦ୍ରୀ ଅପନା ନାମକ ଅନ୍ୟ ଏକ ମାଛଧରା ବୋଟ୍ ରେ ୧୦ ଜଣ ମତ୍ସ୍ୟଜୀବୀ ଥିଲେ । ୪୦ ନଟିକାଲ୍ ମାଇଲ୍ ଥିବା ଏହି ମାଛଧରା ବୋଟ୍ ସାମୁଦ୍ରିକ ଝଡର ସାମ୍ନା କରି ପାରିନଥିଲା ଏବଂ କୋଷ୍ଟଗାର୍ଡ ପାରଦୀପ ଜିଲ୍ଲା ମୁଖ୍ୟାଳୟକୁ ସହାୟତା ଲୋଡିଥିଲା । କୋଷ୍ଟଗାର୍ଡର ତ୍ୱରିତ ଜାହାଜ ସେଠାରେ ପହଂଚି ମାଛଧରା ବୋଟ୍ ସହିତ ମତ୍ସ୍ୟଜୀବୀମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଆଣିଥିଲେ । ଏହି ମାଛଧରା ବୋଟ୍‌କୁ ପାରାଦୀପ ବନ୍ଦର ପୋତାଶ୍ରୟରେ ରେ ଆଶ୍ରୟ ନେବାକୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିଲା । ପରିସ୍ଥିତିର ଗୁରୁତ୍ୱକୁ ଦେଖି ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଅନୁମତି ଦେବା ପରେ ମାଛଧରା ବୋଟ୍ ପାରାଦୀପ ବନ୍ଦର ପୋତାଶ୍ରୟକୁ ଆସିଥିଲା ।

# ୯ ରୁ ତିନି ଦିନିଆ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ଅନୁଗୋଳ ଜିଲ୍ଲା ଗସ୍ତ

ଅନୁଗୋଳ, ୮।୭ (ନି.ପ୍ର) : କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କର ଅନୁଗୋଳ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଛି । ଜୁଲାଇ ୯ ତାରିଖ ଗୁରୁବାର କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଧାନ ଅନୁଗୋଳ ଜିଲ୍ଲା ଗସ୍ତ କରି କଣିହାଁ ଏନଟିପିସି ଠାରେ ସନ୍ଧ୍ୟାରେ ପହଁଚିବେ । ୧୦ ତାରିଖ ଶୁକ୍ରବାର କଣିହାଁ ରୁ ପାଲଲହଡା ଗସ୍ତ କରି ସକାଳ ୮ ଟାରେ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ର ଉଦଘାଟନ କରିବା ସହ ସ୍ଥାୟୀ କ୍ୟାମ୍ପସ ର ଭୂମିପୂଜନ କରିବେ । ସେଠାରୁ ଦେବଗଡ଼ ଗସ୍ତ କରି ଜିଲ୍ଲା ର ବିକାଶ ପାଇଁ ଦିଶା ବୈଠକ ରେ ଯୋଗ ଦେବେ ଓ ବିଭିନ୍ନ କାର୍ଯ୍ୟକ୍ରମ ରେ ଯୋଗଦେବେ ।



ସେଦିନ ସନ୍ଧ୍ୟାରେ ଅନୁଗୋଳ ନାଲକୋ ଠାରେ ପହଁଚିବେ । ୧୧ ତାରିଖ ଶନିବାର ଅନୁଗୁଳ ଜିଲ୍ଲା ର ବିକାଶ ପାଇଁ ଦିଶା ବୈଠକ ରେ ଯୋଗଦେବେ ଏବଂ ଅପରାହ୍ନ ରେ ନାଲକୋ ଆରପିଡିଏସି ବୈଠକ ରେ ଯୋଗଦେବେ । ସନ୍ଧ୍ୟାରେ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅଭିମୁଖେ ଯାତ୍ରା କରିବେ ବୋଲି ଜୋନାଲ ବିଜେପି ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ ସୂଚନା ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ ଙ୍କର ତିନି ଦିନିଆ ଜିଲ୍ଲା ଗସ୍ତ କୁ ନେଇ ବିଜେପି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲୁ ରହିଛି ।

# ନୂତନ ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଯୋଗଦାନ



କଟକ, ୮।୭ (ନି.ପ୍ର): ଶ୍ରୀ ସୁଗୁଡା ମୁର୍ମୁ, କଟକ ଜିଲାର ମୁଖ୍ୟ ଯୋଗାଣ ଅଧିକାରୀ ଭାବେ ଆଜି କାର୍ଯ୍ୟରେ ଯୋଗ ଦେଉଛନ୍ତି । ଏହି ଅବସରରେ କଟକ କଲେକ୍ଟରେଟ ଷ୍ଟାଫ କମିଟିର ସଭାପତି ଶ୍ରୀ ନରେଶ ଚନ୍ଦ୍ର ମହାପାତ୍ର, ଉପ-ସଭାପତି ଅଜୟ କୁମାର ମୁଦୁଲି, ସାଧାରଣ ସମ୍ପାଦକ ସୁବ୍ରତ କୁମାର ସାହୁ, ସମ୍ପାଦକ(ସଂଗଠନ) ସଞ୍ଜୟ କୁମାର ସାହୁ ଏବଂ କଟକ ଜିଲ୍ଲା ରାଜସ୍ୱ ଅମଲା ସଂଘ ସଭାପତି ଶ୍ରୀ ସୁଧାଂଶୁ ଭୂଷଣ ମହାପାତ୍ର, ସମ୍ପାଦକ ସୂର୍ଯ୍ୟକାନ୍ତ ପାଣି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ନୂତନ ଭାବେ ଯୋଗ ଦେଇଥିବା ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଷ୍ଟାଫ କମିଟିର କର୍ମକର୍ତ୍ତା, ସମସ୍ତ କର୍ମଚାରୀଙ୍କ ସହ ସମନ୍ୱୟ ରକ୍ଷା କରି ଜନ-ସାଧାରଣଙ୍କ ପାଇଁ କାର୍ଯ୍ୟ କରିବେ ବୋଲି ମତବ୍ୟକ୍ତ କରିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ଯୋଗାଣ ଅଧିକାରୀ କେ. ଚନ୍ଦ୍ର ଶେଖର ରାଓ, ଅତିରିକ୍ତ ଯୋଗାଣ ଅଧିକାରୀ ଦୀପକ ବେହେରା, ମଧୁସ୍ମିତା ମହାପାତ୍ର, ସହାୟକ ଯୋଗାଣ ଅଧିକାରୀ ରାଜଲକ୍ଷ୍ମୀ ପାତ୍ର, ବିଷ୍ଣୁ ପରିଡାଙ୍କ ସହ ମହାନଗର ନିଗମ ନିରୀକ୍ଷକ, ଶ୍ରୀ ଦେବୀ ପ୍ରସାଦ ଦାସ, ଇତିଶ୍ରୀ ଜେନା, ସହାୟକ ନିବନ୍ଧକ ଯୋଗାଣ ନିଗମ, ରୋଜାଲିନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

# ମା ଭଗବତୀ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ପିପିଲି, ୮।୭ (ନି.ପ୍ର): ଆରାଧ୍ୟ ଦେବୀ ମା ଭଗବତୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଏବଂ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଭଗବତୀପୁର ଗ୍ରାମର ବହୁ ପୁରାତନ ଅଧିଷ୍ଠାତ୍ରୀ ଦେବୀଙ୍କ ମାଙ୍କ ପିଠ ମନ୍ଦିର ଟି ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ଗ୍ରାମବାସୀ ଏବଂ ଭକ୍ତ ମାନେ ଏହାର ପୁନଃରୁଦ୍ଧାର ପାଇଁ ଉଦ୍ୟମ କରିଥିଲେ । ଗ୍ରାମବାସୀଙ୍କ ସହଯୋଗରେ ନୂତନ ମନ୍ଦିର ନିର୍ମାଣ କରାଯାଇଛି । ମନ୍ଦିର ପ୍ରତିଷ୍ଠା ପାଇଁ ମହାଯଜ୍ଞ ଉତ୍ସବ ୫ଦିନ ଧରି ଚାଲିବା ସହିତ ଜୁଲାଇ ୯ ତାରିଖ ଏହାର ପୂର୍ଣ୍ଣାହୁତି ଦିଆଯିବ । ମହାଯଜ୍ଞ ରେ ସୂର୍ଯ୍ୟପୂଜା, ଗୋପୂଜନ, ସନ୍ଧ୍ୟା ଆଳତି, ସହିତ ମା ଙ୍କ ନୂତନ ବିଗ୍ରହ ସ୍ଥାପନ ଓ ଚୁଡା କରଣ ନୀତି ପାଳିତ ହୋଇଯାଇଛି । ଯଜ୍ଞ ର କଳସ ଯାତ୍ରାରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ମାନସିକ ଧାରୀ ମାନେ ଆସି ସାମିଲ ହୋଇଛନ୍ତି । ଭଗବତୀପୁର ଗ୍ରାମ୍ୟ କମିଟି ଏବଂ ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ପ୍ରତିଷ୍ଠା ଦିବସରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । କମିଟିର ସଭାପତି, ସମ୍ପାଦକ ତଥା ସମସ୍ତ କର୍ମକର୍ତ୍ତା ଏହାକୁ ପରିଚାଳନାରେ କାର୍ଯ୍ୟ ସମ୍ପାଦନ ହେଉଛି ।



# ଡେଲାଙ୍ଗରେ କୃଷକ ଏକତା ମଂଚ ଗଠିତ

ଡେଲାଙ୍ଗ,୮।୭ (ନି.ପ୍ର): ଡେଲାଙ୍ଗ ବ୍ଲକରେ ବିଭିନ୍ନ ପଂଚାୟତର କୃଷକ ମାନଙ୍କର ଚାଷକୁ ନେଇ ଉପୁଜୁଥିବା ବିଭିନ୍ନ ସମସ୍ୟା ଓ ସେମାନଙ୍କର ହକ ପାଇଁ ସ୍ୱର ଉତ୍ତୋଳନ କରିବା ନିମନ୍ତେ ଡେଲାଙ୍ଗରେ କୃଷକ ଏକତା ମଂଚ ଗଠନ ହୋଇଛି । ଦିଲିପ କୁମାର ତାଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ପଂଚାୟତରୁ ଚାଷୀମାନେ ଯୋଗ ଦେଇଥିଲେ । ଏଥିରେ ଅଂଚଳରେ ଚାଷୀମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ସର୍ବସମ୍ମତିକ୍ରମେ କୃଷକ ଏକତା ମଂଚର କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା । ଉପସ୍ଥିତି ଚାଷୀମାନଙ୍କ ମଧ୍ୟରୁ କମିଟିର ସଭାପତି ଭାବେ ଶୁଭେନ୍ଦୁ ସ୍ୱାଇଁ, ସମ୍ପାଦକ ଭାବେ ସରିତ କୁମାର ମହାନ୍ତି ଏବଂ କୋଷାଧ୍ୟକ୍ଷ ଭାବେ ଦିଲିପ କୁମାର ତାଡଙ୍କୁ ଚୟନ କରାଯାଇଥିଲା । ପ୍ରଥମ ବୈଠକରେ ଚାଷୀ ମାନଙ୍କର ଚାଷ କାର୍ଯ୍ୟ ସୁରକ୍ଷିତ ରହିବା ପାଇଁ ସଂକଳ୍ପ ନିଆଯାଇଛି । ବୁଲା ଗାଇଗୋରୁ ମାନେ ଚାଷୀର ଫସଲ ନଷ୍ଟ କରୁଥିବା ହେତୁ ସରକାର ପ୍ରତି ବ୍ଲକରେ ଗୋଶାଳା ନିର୍ମାଣ କରି ଗୋମାତାଙ୍କୁ ସୁରକ୍ଷିତ ରଖନ୍ତୁ । ସରକାର ଚାଷୀମାନଙ୍କ ଠାରୁ ଗାଇଗୋରୁ କ୍ରୟ କରନ୍ତୁ । ଏବଂ ବନ୍ୟପ୍ରାଣୀ ଉପଦ୍ରବ୍ୟ ରୁ ଲୋକମାନଙ୍କର ଧନଜୀବନ ରକ୍ଷା କରନ୍ତୁ ବୋଲି ଏହି ବୈଠକରେ ଦାବୀ ହୋଇଛି । ବଟକୃଷ୍ଣ ସ୍ୱାଇଁ, ଦିନବନ୍ଧୁ ପ୍ରଧାନ, ଗୋଲଖ ବରାଳ, ଜଟାଧାରୀ ପରିଡା ପ୍ରମୁଖ ସହ ବିଭିନ୍ନ ଅଂଚଳରୁ ଚାଷୀମାନେ ଏହି ବୈଠକରେ ଯୋଗ ଦେଇଥିଲେ ।

# କର୍ପୋରେଟର ସୌଭାଗିନୀଙ୍କୁ ୱାର୍ଡବାସୀଙ୍କ କୃତଜ୍ଞତା

କଟକ, ୮।୭ (ନି.ପ୍ର) : ଗତ ଦୁଇଦିନ ତଳେ ଲଗାଣ ବର୍ଷାରେ କଟକ ସହରର ବହୁ ଅଂଚଳ ଜଳବନ୍ଦୀ ହୋଇଥିଲା । ସେଥିମଧ୍ୟରେ ୧୬ନଂ ଜାତୀୟ ରାଜପଥ ନିକଟରେ ଯାଇଥିବା ରାସ୍ତାର ବହୁ ତଳେ ଥିବା ଡ୍ରେନ ଜାମ ରହିବା ଓ ଜାତୀୟ ରାଜପଥ ଅଧିକାରୀଙ୍କ ଖାମଖିଆଲୀ ନିତି ଯୋଗୁଁ ୫୨ନଂ ୱାର୍ଡର ଖପୁରିଆ ସରକାରୀ ପ୍ରେସ, ଖାନନଗର ସ୍କୁଲ, ଶ୍ରୀରାମନଗର, କାଜିଡିହ, ରାଜେନ୍ଦ୍ର ନଗର, କଲ୍ୟାଣୀନଗର ଏବଂ ମଧୁପାଟଣା ଆଦି ଅଂଚଳ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହୋଇଥିଲା । ସ୍ଥାନୀୟ କର୍ପୋରେଟର ସୌଭାଗିନୀ ଜେନା କଟକ ମହାନଗର ନିଗମ (କେଏମସି) ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ଦ୍ୱାରା ମେସିନ ସହାୟତାରେ ରାସ୍ତାର ବହୁତଳେ ଥିବା ଉକ୍ତ ଡ୍ରେନକୁ ଖୋଳାଯାଇ ସେଥିମଧ୍ୟରେ ଜମିଥିବା ଅଳିଆ ଆବର୍ଜନାକୁ ବାହାର କରିବା ଦ୍ୱାରା ପାଣି ନିଷ୍କାସନ ଠିକ ଭାବେ ହୋଇଥିଲା । ଫଳରେ ଜଳବନ୍ଦୀରୁ ୱାର୍ଡବାସୀ ଆଶ୍ୱସ୍ତିଲାଭ କରିଥିଲେ । ଏହି ଅବସରରେ ସ୍ଥାନୀୟ ବିଧାୟକ, କର୍ପୋରେଟର ଓ କେମସିର କମିସନର ଓ ସଫେଇ କର୍ମଚାରୀଙ୍କୁ ୱାର୍ଡବାସୀ କୃତଜ୍ଞତା ଜଣାଇଛନ୍ତି ।



# ବୁଗୁଡ଼ାରେ କ୍ଲକ୍ ଟାୱାରର କ୍ଲକ୍ ଖରାପ : ମରାମତି ଦାବି

ବୁଗୁଡା, ୮।୭ (ନି.ପ୍ର) : ବୁଗୁଡା ସହରର ମଦନ ମୋହନ ଛକରେ ଶୋଭା ପାଉଥିବା କ୍ଲକ୍ ଟାୱାରରେ ଲାଗିଥିବା ଚାରୋଟିଯାକ କ୍ଲକ୍ ଦୀର୍ଘ ଦିନ ହେଲା ଖରାପ ହୋଇପଡିଥିଲା ବେଳେ ଏନଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ଗତ ୨୦୨୪ ଫେବୃୟାରୀ ୨ ତାରିଖରେ ମଦନ ମୋହନ ଛକରେ ସ୍ଥାପିତ ଉକ୍ତ କ୍ଲକ ଟାୱାରଟି ଉଦଘାଟିତ ହୋଇଥିଲା ବେଳେ ସାଧାରଣରେ ଖୁସି ବ୍ୟକ୍ତ କରାଯାଇଥିଲା । କିନ୍ତୁ, ଏବେ ଟାୱାରରେ ଲାଗିଥିବା ଘଡି ଚାରୋଟି ସଠିକ୍ ଭାବେ କାମ କରୁନଥିବାରୁ ଲୋକଙ୍କ ଖୁସିରେ ଭଟ୍ଟା ପଡିଯାଇଛି । ଘଡି ଚାରୋଟି ଭୁଲ ସମୟ ଦର୍ଶାଉଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଏ ନେଇ ଅଭିଯୋଗ କଲେ ମଧ୍ୟ ଏନ୍ଏସି କର୍ତ୍ତୃପକ୍ଷଙ୍କ ଉଦାସୀନତା ମନୋଭାବ ଯୋଗୁଁ କୌଣସି ସୁଫଳ ମିଳୁନାହିଁ । ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଉକ୍ତ ଟାୱାରରେ ଅକାମୀ ଘଡି ଚାରୋଟି ଖଞ୍ଜି ଦେଇ ବେଶ୍ ମୁନାଫା କମାଇଥିବା ନେଇ ସାଧାରଣରେ ଆଲୋଚନା ଜୋର ଧରିଥିବା ବେଳେ ଲୋକେ ବନ୍ଦ ଘଡିକୁ ଚାହିଁ ଅଶୁଭ ମନେ କରୁଛନ୍ତି । ପ୍ରବଳ ଜନ ଅସନ୍ତୋଷ ସାଙ୍ଗକୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କେଉଁ କାରଣରୁ ଘଡି ଚାରୋଟିକୁ ସଜଡା ଯାଇପାରୁନାହିଁ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ସେହି କ୍ଲକ୍ ଟାୱାରରେ ଖଚିତ ୪ଟି ଘଡିକୁ ସଜାଡିବାକୁ ଏନ୍ଏସି କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।



## ପରୀକ୍ଷା ପରିଚାଳନାରେ ଦୁର୍ନୀତି ଓ ପେପରଲିକ୍ ପ୍ରସଙ୍ଗ

# ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡି.ୱାଇ.ଓ.ର ଦାବିପତ୍ର

ଅନୁଗୁଳ,୮/୭(ନି.ପ୍ର): ସମସ୍ତ ବେକାର ଯୁବକ-ଯୁବତୀଙ୍କ ନିଯୁକ୍ତି ସୁନିଶ୍ଚିତ କରିବାସହ ସରକାରୀ ଦପ୍ତରଗୁଡିକରେ ଖାଲି ପଡିଥିବା ସମସ୍ତ ପଦବୀ ଯୁଦ୍ଧକାଳୀନ ଭିତ୍ତିରେ ପୂରଣ କରିବା, ନିଯୁକ୍ତି ପାଇଁ ହେଉଥିବା ପରୀକ୍ଷାଗୁଡିକରେ ସ୍ୱଚ୍ଛତା ସହ ଏନ୍.ଟି.ଏ.କୁ ସମ୍ପୂର୍ଣ୍ଣ ରଦ୍ଦ କରିବା, ନିଟ୍ ପରୀକ୍ଷାରେ ପେପରଲିକ୍ ପାଇଁ ପରୀକ୍ଷା ବାତିଲ୍ ଫଳରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ହୋଇଥିବାରୁ ନୈତିକତା ଦୃଷ୍ଟିରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବା ଆଦି ଦାବିରେ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ୟୁଥ୍ ଅର୍ଗାନାଇଜେସନ୍ (ଏ.ଆଇ.ଡି.ୱାଇ.ଓ) ସର୍ବଭାରତୀୟ କମିଟିର ଆହ୍ୱାନକ୍ରମେ ଗତ ୪ ଜୁଲାଇ ରୁ ୮ ଜୁଲାଇ ଦେଶବ୍ୟାପୀ ପ୍ରତିବାଦ ଆନ୍ଦୋଳନ ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ଡି.ୱାଇ.ଓ.ର କାର୍ଯ୍ୟକର୍ତ୍ତାମାନେ ଜିଲ୍ଲା ପ୍ରଶାସନ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ସଂଗଠନର ରାଜ୍ୟ ସଭାପତି ପ୍ରକାଶ କରିଛନ୍ତିଯେ ନିଯୁକ୍ତି ପାଇଁ ହେଉଥିବା ପରୀକ୍ଷାରେ ବ୍ୟାପକ ଦୁର୍ନୀତି, ପେପରଲିକ୍ ଆଦି ଘଟଣା ଘଟି ଚାଲିଛି । ନିଟ୍ ପାଇଁ ଅକ୍ଳାନ୍ତ ପରିଶ୍ରମ କରି ଛାତ୍ରଛାତ୍ରୀମାନେ ପ୍ରସ୍ତୁତ ହେଉଥିବାବେଳେ ପେରପଲିକ୍ ଯୋଗୁଁ ପରୀକ୍ଷା ବାତିଲ୍ ଫଳରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି । ମନ୍ତ୍ରୀ, ପ୍ରଶାସକମାନେ କେବଳ ଗଣମାଧ୍ୟମ ସାମ୍ନାରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିକ୍ରିୟା ରଖୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ କଠୋର ହେଉନଥିବାରୁ ବାରମ୍ବାର ଘଟିଚାଲିଛି । ସମସ୍ୟା ସମାଧାନ ନହେଲେ ଦେଶବ୍ୟାପୀ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଦାବିପତ୍ର ପ୍ରଦାନ ସମୟରେ ସଂଗଠନର ଜିଲ୍ଲା ସଭାପତି ନିରନ ନାୟକ, ସମ୍ପାଦକ କୈଳାସ ସାହୁ, ଉପସଭାନେତ୍ରୀ ଜ୍ୟୋତ୍ସ୍ନା ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।




## ଭାର୍ଗବୀ ନଦୀରେ ବନ୍ୟା ଜଳ

# ଶେଷ ହୋଇ ନାହିଁ ନଦୀ ବନ୍ଧ ସୁଦୃଢୀକରଣ କାର୍ଯ୍ୟ

ବଳଙ୍ଗା, ୮।୭ (ନି.ପ୍ର): ଭାର୍ଗବୀ ନଦୀରେ ଚଳିତ ବର୍ଷର ପ୍ରଥମ ବନ୍ୟା ଜଳ ପ୍ରବାହ ଆରମ୍ଭ ହୋଇଯାଇଛି । ମାତ୍ର ଜୁଲାଇ ମାସ ଅଧାରେ ମଧ୍ୟ ବନ୍ଧ ସୁଦୃଢୀକରଣ କାର୍ଯ୍ୟ ଶେଷହୋଇ ନାହିଁ । ଯାହା ଫଳରେ ଆଗାମୀ ବନ୍ୟା ବେଳେ ବନ୍ଧ ପ୍ରତି ବିପଦ ସୃଷ୍ଟି ହେବା ସାଙ୍ଗକୁ ପରିସ୍ଥିତି ଅଣାୟତ ହୋଇ ପଡିବାର ଆଶଙ୍କା ପ୍ରକାଶ ପାଉଛି । ଯାହାକି ଜଳ ସମ୍ପଦ ବିଭାଗର ଅପାରଗତା, ତଦାରଖର ଅଭାବକୁ ପଦାରେ ପକାଇ ଦେଇଛି । ନଦୀ ବନ୍ଧର ତେରହଳ ମୁଣ୍ଡରେ ବନ୍ଧ ଉପରେ ମାଟି ଗଦା ହୋଇଥିବା ବେଳେ ତାହା ଏପର୍ଯ୍ୟନ୍ତ ବନ୍ଧରେ ସମତୁଲ କରାଯାଇ ନାହିଁ । ଫଳରେ ବନ୍ଧ ସୁଦୃଢୀକରଣ ତଦ୍ୱରର କଥା ଏବେ୍ ବଳଙ୍ଗା- ସମ୍ପଦ ବିଭାଗ ନିଘୋଡ ନିଦରେ ଶୋଇପଡିଥିବା ସାଧାରଣରେ ଅଭିଯୋଗ ହେଉଛି । ତା ନହୋଇ ଥିଲେ ବନ୍ଧ ଉପରେ ଏପର୍ଯ୍ୟନ୍ତ ମାଟି ଖେଳା ନଯିବା ଘଟଣା ଠିକାଦାରଙ୍କ ମନମାନି ଓ ଠିକାଦାର -ଜଳସମ୍ପଦ ବିଭାଗ ମଧୁଚନ୍ଦ୍ରିକା ବୋଲି ସାଧାରଣ ରେ ଅଲୋଚନା ଚାଲିଛି । ମାଟି ଗଦା ହୋଇଥିବା ସ୍ଥାନ ନଦୀ ବନ୍ଧର ଏକ ସମ୍ବେଦନଶୀଳ ଚିହ୍ନିତ ସ୍ଥାନ ହୋଇଥିବାରୁ ବିଭାଗୀୟ ଅଧିକାରୀ ମାନଙ୍କ ତତ୍ପରତାର ଅଭାବ ଏହାର ମୁଖ୍ୟ କାରଣ ବୋଲି ସାଧାରଣରେ ଆଲୋଚନା ଚାଲିଛି । ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯାଇ ସମ୍ଭାବ୍ୟ ବନ୍ୟା ପୂର୍ବରୁ ବନ୍ଧ ସୁଦୃଢୀ କରଣକାର୍ଯ୍ୟ ତୁରନ୍ତ ସମାପନ ନିମନ୍ତେ ସାଧାରଣରେ ଦାବୀ ହେଉଛି ।



# ପ୍ରକାଶ ପାଇଲା ଓଷ୍ଟା ଦଶମ ଶ୍ରେଣୀ ଟେଷ୍ଟ ପେପର୍ସ



କଟକ, ୮।୭ (ନି.ପ୍ର): ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷାର୍ଥୀ ମାନଙ୍କ ନିମନ୍ତେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରସ୍ତୁତ ପାଠ୍ୟଖସଡ଼ା ଆଧାରରେ ବୁଧବାର ଦିନ ନୟାସଡକସ୍ଥିତ ଓଷ୍ଟାର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଉଭୟ ବସ୍ତୁନିଷ୍ଠ ଓ ଦୀର୍ଘ ଉତରମୂଳକ ଓଷ୍ଟା ଟେଷ୍ଟ ପେପର୍ସ ପ୍ରକାଶିତ ହୋଇଛି । ଏହା ଆଜିଠାରୁ ବଜାରରେ ଉପଲବ୍ଧ ହେବ । ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପ୍ରତିବର୍ଷ ପରି ଚଳିତ ବର୍ଷ ଏକ ଅଭିନବ ଉପାୟରେ ଉକ୍ତ ଟେଷ୍ଟ ପେପର୍ସକୁ ପ୍ରସ୍ତୁତ କରିଛି ବୋଲି ଓଷ୍ଟାର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି ।

ପ୍ରକାଶଥାଉକି, ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) କେବଳ ଶିକ୍ଷକ ମାନଙ୍କର ସମସ୍ୟା ସମାଧାନ ସମ୍ପର୍କରେ କାର୍ଯ୍ୟ କରିନଥାଏ, ରାଜ୍ୟର ଶିକ୍ଷାବ୍ୟବସ୍ଥା ଓ ଛାତ୍ରଛାତ୍ରୀମାନଙ୍କର ଉତମ ଭବିଷ୍ୟତ କଥା ସଦାସର୍ବଦା ଚିନ୍ତା କରିଥାଏ । ଏଣୁ ପ୍ରତିବର୍ଷ ପରି ଚଳିତ ବର୍ଷ ଅର୍ଥାତ୍ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଉଭୟ ସଂକ୍ଷିପ୍ତ ଓ ଦୀର୍ଘ ଉତରମୂଳକ ଟେଷ୍ଟ ପେପର୍ସ ଓଷ୍ଟା ଦ୍ୱାରା ପ୍ରସ୍ତୁତ କରାଯାଇଛି । ଟେଷ୍ଟ ପେପର୍ସ ପ୍ରକାଶନ କ୍ଷେତ୍ରରେ ଓଷ୍ଟା ୬୧ବର୍ଷ ଅତିକ୍ରାନ୍ତ କରିଅଛି । ଏହିବର୍ଷ ମଧ୍ୟ ଅଭିଜ୍ଞ ଶିକ୍ଷକମାନଙ୍କର ଦୀର୍ଘ ଅଭିଜ୍ଞତାକୁ ବିନିଯୋଗ କରି ଟେଷ୍ଟ ପେପର୍ସ ପ୍ରସ୍ତୁତ କରାଯାଇଛି । ଜୁଲାଇ ୮ ତାରିଖରେ ଓଷ୍ଟା ଟେଷ୍ଟ ପେପର୍ସ ବିକ୍ରୟ ଆରମ୍ଭ ହେଉଥିବାରୁ ଏହା ସମଗ୍ର ଓଡ଼ିଶା ବଜାରରେ ଉପଲବ୍ଧ ହେବ ବୋଲି ଓଷ୍ଟା ପକ୍ଷରୁ କୁହାଯାଇଛି । ଓଷ୍ଟା କାର୍ଯ୍ୟକାରୀ କମିଟିର ନିଷ୍ପତି ଅନୁସାରେ ଓଷ୍ଟା ଦ୍ୱାରା ପ୍ରକାଶିତ ଏହି ଟେଷ୍ଟ ପେପର୍ସକୁ ସୁଲଭ ଦରରେ ଯୋଗାଇ ଦିଆଯାଉଛି । ଏହି ଟେଷ୍ଟ ପେପର୍ସ ନିର୍ଦ୍ଧାରିତ ସମୟରେ ପ୍ରକାଶିତ ହୋଇଥିବାରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଏହାକୁ ଅଧ୍ୟୟନ କରି ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ ବୋଲି ଓଷ୍ଟା ପକ୍ଷରୁ କୁହାଯାଇଛି । ରାଜ୍ୟର ସର୍ବପୁରାତନ, ସର୍ବାଧିକ ଆଦୃତ ଏବଂ ମାଟ୍ରିକ୍ ପରୀକ୍ଷାରେ ଅଧିକ ପ୍ରଶ୍ନ ଆସୁଥିବା ଓଷ୍ଟା ଟେଷ୍ଟ ପେପର୍ସ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମାନଙ୍କ ଦ୍ୱାରା ଆଦୃତ ହୋଇ ପରୀକ୍ଷାର୍ଥୀମାନଙ୍କର ଭବିଷ୍ୟତ ଗଢ଼ିବାରେ ସହାୟକ ହେଲେ ଆମର ଶ୍ରମ ସାର୍ଥକ ହେବ ବୋଲି ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷାପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧିଙ୍କ ସମେତ ଓଷ୍ଟା ଟେଷ୍ଟ ପେପର୍ସ ପ୍ରସ୍ତୁତି ଦାୟିତ୍ୱରେ ଥିବା ସଂପାଦକ ପ୍ରଣବ କୁମାର ଜେନା ପ୍ରମୁଖ ଆଶାବ୍ୟକ୍ତ କରିଛନ୍ତି ।

# ଜନ୍ମଦିନକୁ ସମାଜ ସେବାରେ ସମର୍ପିତ କଲେ ପ୍ରଶାନ୍ତ



ପାରାଦୀପ, ୮।୭ (ନି.ପ୍ର): ପାରାଦୀପ ବନ୍ଦର ଚିକିତ୍ସାଳୟରେ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମଚାରୀ ପ୍ରଶାନ୍ତ କୁମାର ଲେଙ୍କା (କୁନୁ) ଚିକିତ୍ସାଳୟ ରେ ଲୋକ ମାନଙ୍କୁ ସେବା ପ୍ରଦାନ କରି ଯେତିକି ନାଁ କମେଇଛନ୍ତି, ସମାଜ ସେବାରେ ନିଜକୁ ସମର୍ପିତ କରି ସେତିକି ଆତ୍ମତୃପ୍ତି ଲାଭ କରନ୍ତି ବୋଲି କହିଛନ୍ତି ପ୍ରଶାନ୍ତ । ଭଗବାନ ମଣିଷ ଜନ୍ମ ଦେଇଥିବାରୁ ମାନବ ସେବା ମାଧବ ସେବା ବୋଲି ପ୍ରଶାନ୍ତ ପ୍ରତିବର୍ଷ ପରି ସେ ତାଙ୍କ ବିବାହ ବାର୍ଷିକୀ ଏବଂ ଜନ୍ମଦିନକୁ ଜରାଶ୍ରମ ଅନ୍ତେବାସୀ ମାନଙ୍କ ସହ ପାଳନ କରି ଆତ୍ମସନ୍ତୋଷ ଲାଭ କରିଥାନ୍ତି । ତେବେ ବୁଧବାର ଦିନ ତାଙ୍କର ୪୮ତମ ଜନ୍ମ ଦିବସରେ ମଧୁବନ ସ୍ଥିତ ବିଶ୍ରାମୁଣ୍ଡା ବିଦ୍ୟାଳୟରେ ୫୦ ଜଣ ଛାତ୍ରଛାତ୍ରୀ ଙ୍କ ସହ କେକ୍ କାଟି ନିଜ ଜନ୍ମ ଦିନ ପାଳିବା ସହିତ ସେମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ । ତେବେ ପ୍ରଶାନ୍ତ ଙ୍କ ଏଭଳି କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିବା ବେଳେ ଏହାକୁ ସାଧାରଣରେ ପ୍ରଶଂସା କରାଯାଇଛି ।

